# ବେଧଡ଼କ ଚାଲିଛି ଗୋ-ଚାଲାଣ

ମାର୍ଶାଘାଇ, ୧୮ (ଡି.ଏନ୍.ଏ.)

ଗତକିଛି ଦିନ ହେବ ମାର୍ଶାଘାଇ ଅଞ୍ଚଳରେ ଗୋ-ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। କେତେଜଣ ଦଲାଲ ପିକ୍‌ଅପ ଭ୍ୟାନ୍‌ରେ ବାଛୁରୀ, ଷଣ୍ଢ ଓ ବୁଲା ଗୋରୁଗୁଡ଼ିକୁ ଗାଡିରେ ଖୁନ୍ଦାଖୁନ୍ଦି କରି ବାହାରକୁ ଚାଲାଣ କରୁଥିବା ସୂଚନା ମିଳିଛି। ରବିବାର ମାର୍ଶାଘାଇ ବ୍ଲକ ଦଳନ୍ତା ମୁଖ୍ୟ ରାସ୍ତାରେ ଜଣେ ଦଲାଲ ଏକ ଲାଲ ରଙ୍ଗର ପିକ୍‌ଅପ୍ ଭ୍ୟାନ୍‌ରେ ୫ଟି ବାଛୁରୀଙ୍କୁ ନେଇ ଯାଉଥିବା ଗ୍ରାମବସୀ ଦେଖି ପାଟକୁରା ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବାରେ ବିଳମ୍ବ ହେବାରୁ ସମ୍ପୃକ୍ତ ଦଲାଲ ଗ୍ରାମବାସୀଙ୍କୁ ବନ୍ଧୁକ ଦେଖାଇ ସେଠାରୁ ଖସିଯିବାରେ ସକ୍ଷମ ହୋଇଥିଲା। ଅନ୍ୟପଟେ ଅନେକ ସମୟରେ ଅସାଧୁ ଗୋରୁ ବ୍ୟବସାୟୀମାନେ ଗ୍ରାମାଞ୍ଚଳର ଗରିବ ଚାଷୀମାନଙ୍କଠାରୁ ଶାଗ ମାଛ ଦରରେ ଗାଇ, ବାଛୁରୀ କିଣି ନେଇ ବାହାରକୁ ଚାଲାଣ କରିଦେଉଛନ୍ତି। ଏଥିସହ ଗାଁ ଗଣ୍ଡାରେ ବୁଲୁଥିବା ବୁଲା ଷଣ୍ଢକୁ ନିଶା ଇଞ୍ଜେକ୍‌ଶନ୍ ଦେଇ ଅଚେତ୍ କରିବା ପରେ ଗାଡ଼ିରେ ପକାଇ ନେଇଯାଉଛନ୍ତି।



ଏକ ଭ୍ୟାନରେ ଗୋରୁ ଚାଲାଣ କରାଯାଉଛି।

ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଥାନାକୁ ଜଣାଇଲେ ବି କିଛି ଲାଭ ହେଉନି ବୋଲି ସାମାଜିକ କର୍ମୀ ଲିପକ ବେଉରା ପ୍ରକାଶ କରିଛନ୍ତି। ତେବେ ରାଜପଥରେ ବାରମ୍ବାର ପ୍ରଶାସନ ତରଫରୁ ତନଖି କରାଯାଉଥିବାରୁ ଅସାଧୁ ବ୍ୟବସାୟୀମାନେ ଛଘରିଆ ବଜାରରୁ କରାଣ୍ଡିଆ ସେତୁ ଦେଇ ଜମପଡ଼ା, ଦଳନ୍ତା ରାସ୍ତାରେ କୁଦାନଗରୀ ଓ ଅସୁରେଶ୍ୱରକୁ ଯାଆସ କରିବାରେ ସକ୍ଷମ ହେଉଛନ୍ତି। ତେବେ ଏମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ମାର୍ଶାଘାଇ ଥାନା ପୋଲିସଠାରୁ ସନ୍ତୋଷଜନକ ଉତ୍ତର ମିଳିପାରି ନ ଥିବା ବେଳେ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେନ୍ଦ୍ରପଡ଼ା ଏସ୍‌ପି ନୀତିଶେଖର କହିଛନ୍ତି।

# ଜୀବିକା ଉଦ୍ୟୋଗ ବିକାଶ କର୍ମଶାଳା


କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ଡେରାବିଶ, ୧୮ (ସ୍ୱପ୍ର)

ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନାବାର୍ଡ ପକ୍ଷରୁ ଜିବିକା ଉଦ୍ୟୋଗ ବିକାଶ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଳ୍ପକେନ୍ଦ୍ର ଜେନେରାଲ ମ୍ୟାନେଜର ସନ୍ତୋଷ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସେଡ଼ା ଆନୁକୂଲ୍ୟରେ ଓ ନାବାର୍ଡ଼ ସହାୟତାରେ ଅନୁଷ୍ଠିତ ଏହି କର୍ମଶାଳାରେ ସ୍ୱୟଂ ସହାୟକ ଗୋଷ୍ଠୀର ୮୦ ଜଣ ସଦସ୍ୟଙ୍କୁ ତାଲିମ ଦିଆଯାଇଥିଲା। ଏଥିରେ ସେଡ଼ା ସମ୍ପାଦକ ଇଶ୍ୱର ଚନ୍ଦ୍ର ଆଚାର୍ଯ୍ୟ, ନାବାର୍ଡର ଜିଲା ଅଧିକାରୀ ଅଶୋକ କୁମାର ଆଚାର୍ଯ୍ୟ, ଜିଲା ଶିଳ୍ପ କେନ୍ଦ୍ର ଆଇପିଓ ବିଜୟଲକ୍ଷ୍ମୀ ପରିଡ଼ା, ଆର୍‌ସେଟି ନିର୍ଦ୍ଦେଶକ ମଳୟ ମିତ୍ର, ଓଏଲ୍‌ଏମ୍‌ର କେ.ସି. ମହାପାତ୍ର ଓ ବେଣୀପୁର ସମିତିସଭ୍ୟ ଦେବାଶିଷ ଆଚାର୍ଯ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ତାଲିମଦାତା ଭାବେ କୁନାଙ୍ଗୋ ଜେନା ଯୋଗଦେଇ ପେପରରେ ତିଆର କପ୍ ଓ ପ୍ଲେଟ ନିର୍ମାଣ କଳା କୌଶଳ ସମ୍ପର୍କରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ପ୍ରଶିକ୍ଷିତ କରିଥିଲେ। ଏହି ଅବସରରେ ଜଳଶକ୍ତି ଅଭିଯାନ ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଗଣେଶ୍ୱର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଜିଠୁ ମେଘମହ୍ଲାର ସାଂସ୍କୃତିକ କାର୍ଯ୍ୟକ୍ରମ

ରାଜନଗର, ୧୮ (ଡି.ଏନ୍.ଏ.)

ଗଣେଶ ଚତୁର୍ଥୀଠାରୁ ରାଜନଗର ବ୍ଲକ ହାତିନା ପଞ୍ଚାୟତ ଅଧୀନ ଏଣ୍ଡୁଳାପୁର ଗ୍ରାମରେ ୪ଦିନ ଧରି 'ମେଘମହ୍ଲାର' ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମା' ପାଟକୁମାରୀ କଳାବିକାଶ ଯୁବ ସଂଗଠନ ଆନୁକୂଲ୍ୟରେ ଗତ ୫ବର୍ଷ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ପ୍ରଥମଦିନ ବିଶିଷ୍ଟ କଣ୍ଠଶିଳ୍ପୀ ମନ୍ମଥ ମିଶ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୩ ତାରିଖରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମୁରୁଜ, ଚିତ୍ରାଙ୍କନ, ପ୍ରବନ୍ଧ ଓ ନୃତ୍ୟ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମର ତୃତୀୟ ଦିବସରେ ଅଭିନେତ୍ରୀ ଶ୍ରଦ୍ଧା ଓ ପ୍ରସିଦ୍ଧ ନାଟ୍ୟସଂସ୍ଥା 'ପଞ୍ଚମବେଦ' କଳାକାରଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ ହେବ। ସେହିପରି ୪ର୍ଥ ବା ଉଦ୍‌ଯାପନୀ ଦିବସରେ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି, ବିଧାୟକ ଧ୍ରୁବ ସାହୁ ଓ ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଯୋଗଦେବେ ବୋଲି ସଂଗଠନ ସଭାପତି ଚନ୍ଦନ କୁମାର ରାଉତ, ସମ୍ପାଦକ ଶିବ ପ୍ରସାଦ ସେଠୀ ସୂଚନା ଦେଇଛନ୍ତି।

## ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଯତ୍ନଶୀଳ ହେବାକୁ ପରାମର୍ଶ

ମାର୍ଶାଘାଇ, ୧୮ (ଡି.ଏନ୍.ଏ.)

ମାର୍ଶାଘାଇର ପିଏନ୍‌ଏସ୍ ସ୍କୁଲ ଅଫ୍ ଇଞ୍ଜିନିୟରିଂର ପ୍ରବେଶ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ରନେନ୍ଦ୍ର କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଜିଲାପାଳ ସମର୍ଥ ବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ଦିଗରେ ଯତ୍ନଶୀଳ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ମ୍ୟାନେଜିଂ ଟ୍ରଷ୍ଟି ଅଜୟ କୁମାର ବିଶ୍ୱାଳ ଓ ଅଧ୍ୟକ୍ଷ ଇଂ. ଜ୍ଞାନରଞ୍ଜନ ନାୟକ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର କର୍ମଚାରୀ ସୌଦାଗର ବେହେରା ଓ ଚିନ୍ମୟୀ ଦାସ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠାନରୁ କୃତିତ୍ୱର ସହ ସଫଳତା ହାସଲ କରିଥିବା ଦୁର୍ଗା ପ୍ରସାଦ ସାହୁ, ସୋମନାଥ ଦେବନାଥ, ଅଭିଜିତ ସ୍ୱାଇଁ, ରାଜେଶ କୁମାର ବେଉରା, ମମତା ନାୟକ ଓ ସସ୍ମିତା ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଅମରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥଲେ। ଅଧ୍ୟାପକ ଚାଚା ଅମିତାଭ ତ୍ରିପାଠୀ, ବିଶ୍ୱ ରଞ୍ଜନ ସ୍ୱାଇଁ, ସୁନାକର ସିଂ, ରମାକାନ୍ତ ସ୍ୱାଇଁ ଓ ଜୟନ୍ତ ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ■ ଭରତପୁରରୁ ସଶସ୍ତ୍ର ଡକାୟତି ଘଟଣା

# ସିଙ୍ଗିରି କେଳା ବସ୍ତିର ୬ ଅଟକ

ଆଳି, ୧୮ (ଡି.ଏନ୍.ଏ.)

ଆଳି ଥାନା ଅଧୀନ ଭରତପୁର ଗ୍ରାମର ହାଡ଼ିବନ୍ଧୁ ସାହୁ ଓ ଅଲେଖ ସାହୁଙ୍କ ଘରୁ ଡକାୟତି ଏବଂ ୪ଜଣଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୬ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସେମାନଙ୍କ ଘର ସିଙ୍ଗିରି ବଜାର ନିକଟରେ ଥିବା କେଳା ବସ୍ତିରେ ବୋଲି ଜଣାପଡ଼ିଛି। ସନ୍ଧାନୀ କୁକୁର ସାହାଯ୍ୟରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡକାୟତମାନେ ଛାଡ଼ି ଯାଇଥିବା ଏକ ଶାର୍ଟ ଓ ଟର୍ଚ୍ଚକୁ ଆଧାର କରି ତଦନ୍ତ କରିବା ପରେ କେଳାବସ୍ତିରୁ ୬ଜଣଙ୍କୁ ଉଠାଇ ଆଣି ଅଟକ ରଖିଛି। ଏହି ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ପୋଲିସ ଭରତପୁର ନିକଟସ୍ଥ ଏକ ପଡ଼ାରୁ ୨ଜଣଙ୍କୁ ଉଠାଇ ଆଣିଥିଲେ ବି ପଚରାଉଚୁରା ପରେ ସେମାନଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଛି। ତେବେ ସିଙ୍ଗିରି କେଳା ବସ୍ତିର ଜଣଙ୍କ ଘରୁ ପୋଲିସ ଏକ ସୁନା ମୁଦି ସହ ୨୦୦ ଗ୍ରାମ ଓଜନ ରୁପାର ବିଭିନ୍ନ ଗହଣା ଜବତ କରିଥିବା ସୂଚନା ମିଳିଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ହାଡ଼ିବନ୍ଧୁ ଓ ଅଲେଖଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସଶସ୍ତ୍ର ଡକାୟତି କରିବା ସହ ୪ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ହାଡ଼ିବନ୍ଧୁ ସାହୁ(୭୨), ତାଙ୍କ ସ୍ତ୍ରୀ ଭଗବତୀ(୬୨), ପୁଅ ବାସୁଦେବ(୪୫) ଓ ବୋହୂ ଉର୍ମିଳା(୩୮) ଆହତ ହୋଇଥିଲେ। ଏହି ଘଟଣା ପ୍ରତିବାଦରେ ଭରତପୁର ଗ୍ରାମବାସୀ ଶୁକ୍ରବାର କଟକ-ଚାନ୍ଦବାଲି ରାସ୍ତାର ଭରତପୁର ଛକରେ ରାସ୍ତାରୋକୋ କରିଥିଲେ। ଖବରପାଇ କେନ୍ଦ୍ରାପଡ଼ା ଏସ୍‌ପି ନୀତିଶେଖର ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହ ଖୁବଶୀଘ୍ର ଡକାୟତମାନଙ୍କୁ ଧରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ରାଜକନିକା, ୧୮ (ଡି.ଏନ୍.ଏ.)

ରାଜକନିକା ବ୍ଲକ ସିହୋପଡା ପଞ୍ଚାୟତସ୍ଥିତ ଭାମଣ୍ଡା ନୃସିଂହନାଥ ନୋଡାଲ ଉଚ୍ଚବିଦ୍ୟାଳୟ ପରିସରରେ ଶନିବାର ଏକ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାସାୟନିକ ଉପାଦାନଗୁଡିକର ପର୍ଯ୍ୟାୟସାରଣୀ ଓ ମାନବ କଲ୍ୟାଣରେ ଏହାର ପ୍ରଭାବ ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ଏଥିରେ ରାଜକନିକା ବ୍ଲକର ୨୩ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। ରାଜକନିକା ବ୍ଲକ ବିଜ୍ଞାନ ସମିତି ସମ୍ପାଦକ ନିରଞ୍ଜନ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଭାମଣ୍ଡା ନୃସିଂହ ନାଥ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୟାଧର ରାଉତ ଅଧ୍ୟକ୍ଷତା କରିଥିଲେ । ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ ଅନ୍ନଦା ପ୍ରସାଦ ରାଉତ ଏହି ଆଲୋଚନାଚକ୍ରର ନିୟମାବଳୀ ବର୍ଣ୍ଣନା କରିଥିଲେ। ବ୍ଲକ ବିଜ୍ଞାନ ସମିତି ସଭାପତି ସଞ୍ଜୟ କୁମାର ସାମଲ ସ୍ୱାଗତ ଭାଷଣ ଦେଇଥିଲେ । ଓଳାଭର ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ଶିଶିର ପତି, ରସାୟନ ବିଭାଗର ଅଧ୍ୟାପକ ଶୁଭ୍ରକାନ୍ତ ସାହୁ ଓ ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ଅନିଲ କୁମାର ବେହେରା ଅତିଥିଭାବେ ଯୋଗଦେବା ସହ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ । ଏହି ଆଲୋଚନାଚକ୍ରରେ ହାବଳଗଣ୍ଡ ବି.କେ.ବି ଉଚ୍ଚବିଦ୍ୟାଳୟର ଦଶମଶ୍ରେଣୀ ଛାତ୍ରୀ ସୁଶ୍ରୀ ସଂଗୀତା ସେଠୀ ଶ୍ରେଷ୍ଠସ୍ଥାନ ଅଧିକାର କରି ସେପ୍ଟେମ୍ବର ୪ରେ ହେବାକୁ ଥିବା ଜିଲାସ୍ତରୀୟ ଆଲୋଚନାଚକ୍ରରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଉତ୍କଳମଣି ଉଚ୍ଚବିଦ୍ୟାଳୟର ଯାଜ୍ଞସେନୀ ସାମଲ ୨ୟ ଓ ଆର.ଏନ୍.ହାଇସ୍କୁଲର ଛାତ୍ର କୋମଲ କରଣ ୩ୟ ସ୍ଥାନ ଅଧିକାର କରି ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ।



ଜଣେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ

ଯାଜପୁର ରୋଡ, ୧୮(ନି.ପ୍ର.)

ବ୍ୟାସନଗର ପୌର ପରିଷଦ ଅଞ୍ଚଳରେ ରହୁଥିବା ୩୬ଜଣ ବରିଷ୍ଠ ନାଗରିକଙ୍କୁ ଯାଜପୁର ଏସ୍‌ପି ଚରଣ ସିଂ ମିନା ଯାଜପୁର ରୋଡ ଥାନାରେ ପରିଚୟ ପତ୍ର ବଣ୍ଟନ କରିଛନ୍ତି। ଏହି ପରିଚୟ ପତ୍ର ଦ୍ୱାରା ବରିଷ୍ଠ ନାଗରିକମାନେ ପ୍ରତେକ ସ୍ଥାନରେ ସୁବିଧା ପାଇବେ ବୋଲି ଯାଜପୁର ଆରକ୍ଷୀ ଅଧୀକ୍ଷକ ମିନା କହିଥିଲେ। ଯାଜପୁର ଏସ୍‌ଡିପିଓ କେଦାରନାଥ ସାହୁ, ଥାନା ଅଧିକାରୀ ଅନିଲ କୁମାର ମହାନ୍ତିଙ୍କ ସହ କାର୍ଯ୍ୟକ୍ରମରେ ବହୁ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।


## ଜନସାଧାରଣ, ମୋଟରଯାନ ଚାଳକ ଏବଂ ମାଲିକମାନଙ୍କ ନିମନ୍ତେ ସୂଚନା

ଭାରତ ସରକାରଙ୍କ ଦ୍ୱାରା ମୋଟରଯାନ ଆଇନ ୧୯୮୮ର ସଂଶୋଧନ କରାଯାଇଅଛି ଏବଂ ଏହି ସଂଶୋଧିତ ମୋଟରଯାନ ଆଇନ (**Motor Vehicles (Amendment) Act 2019**)ର ବିଭିନ୍ନ ନିୟମାବଳୀ ତା. ୦୧.୦୯.୨୦୧୯ଠାରୁ ଲାଗୁ କରାଯାଇଅଛି । ଏହି ସଂଶୋଧିତ ଆଇନରେ ଟ୍ରାଫିକ୍ ନିୟମ ଉଲଙ୍ଘନକାରୀ ମାନଙ୍କ ପାଇଁ କଠୋର ଆର୍ଥିକ ଦଣ୍ଡର ବ୍ୟବସ୍ଥା ଅଛି । ଜନସାଧାରଣ, ମୋଟରଯାନ ଚାଳକ ଏବଂ ମାଲିକମାନଙ୍କ ଅବଗତି ନିମନ୍ତେ କେତେକ ଗୁରୁତ୍ୱପୂର୍ଣ୍ଣ ଦଫାରେ ଆର୍ଥିକ ଜରିମାନା ପରିମାଣ ନିମ୍ନଲିଖିତ ସାରଣୀରେ ପ୍ରଦାନ କରାଗଲା ।

### ଟ୍ରାଫିକ୍ ନିୟମ ଭାଙ୍ଗିଲେ ଜରିମାନା (ଟଙ୍କାରେ)

| ଦଫା | ଆଇନ ଉଲଙ୍ଘନର ପ୍ରକାର | ପ୍ରଥମ ଉଲଙ୍ଘନ | ଦ୍ୱିତୀୟ ଓ ପରବର୍ତ୍ତୀ ଉଲଙ୍ଘନ |
|---|---|---|---|
| 177 | ସାଧାରଣ ନିୟମ ଖିଲାପ | ୫୦୦ | ୧୫୦୦ |
| 177 (A) | ଗାଡ଼ି ଚାଳନା ନିୟମର ଖିଲାପ | ୧୦୦୦ | ୧୦୦୦ |
| 178 | ବିନା ଟିକଟରେ ଯାତ୍ରା | ୫୦୦ | ୫୦୦ |
| 179 (1) | କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅବମାନନା | ୨୦୦୦ | ୨୦୦୦ |
| 179 (2) | ଜାଣିଶୁଣି ସୂଚନା ନ ଦେବା | ୨୦୦୦ | ୨୦୦୦ |
| 180 | ଅଣସ୍ୱୀକୃତ ବ୍ୟକ୍ତିଙ୍କୁ ଗାଡ଼ି ଚଳାଇବାକୁ ଦେବା | ୫୦୦୦ | ୫୦୦୦ |
| 181 | ବିନା ଡ୍ରାଇଭିଂ ଲାଇସେନ୍ସ ରେ ଗାଡ଼ି ଚଳାଇବା | ୫୦୦୦ | ୫୦୦୦ |
| 182 (1) | ଡ୍ରାଇଭିଂ ଲାଇସେନ୍ସ ବାତିଲ ବେଳେ ଗାଡ଼ି ଚଳାଇବା | ୧୦,୦୦୦ | ୧୦,୦୦୦ |
| 182 (2) | କଣ୍ଡକ୍ଟର ଲାଇସେନ୍ସ ନଥିବା | ୧୦,୦୦୦ | ୧୦,୦୦୦ |
| 182 (A)(4) | ମାଲିକଙ୍କ ଦ୍ୱାରା ନିୟମ ବର୍ହିଭୂତ ଭାବେ ଗାଡ଼ିରେ ପରିବର୍ତ୍ତନ କରିବା | ୫୦୦୦ | ୫୦୦୦ |
| 183 (i) | ଦ୍ରୁତ ଗତିରେ ହାଲୁକା ମୋଟରଯାନ ଚଳାଇବା | ୨୦୦୦ | ୨୦୦୦ |
| 183 (ii) | ଦ୍ରୁତ ଗତିରେ ମଧ୍ୟମ ଓ ଭାରିଯାନ ଚଳାଇବା | ୪୦୦୦ | ୪୦୦୦ |
| 184 (A) | ରେଡ୍ ଲାଇଟ୍ ଡେଇଁଯିବା | ୫୦୦୦ | ୧୦୦୦୦ |
| 184 (B) | 'ଅଟକିବା ସଙ୍କେତ' ନ ମାନିବା | ୫୦୦୦ | ୧୦୦୦୦ |
| 184 (C) | ଗାଡ଼ି ଚଳାଇବା ବେଳେ ମୋବାଇଲ୍ ବ୍ୟବହାର କରିବା | ୫୦୦୦ | ୧୦୦୦୦ |
| 184 (D) | ବେଆଇନ ଓଭରଟେକିଂ | ୫୦୦୦ | ୧୦୦୦୦ |
| 184 (E) | ଟ୍ରାଫିକ୍‌ର ବିପରୀତ ଦିଗରେ ଗାଡ଼ି ଚଳାଇବା | ୫୦୦୦ | ୧୦୦୦୦ |
| 184 (F) | ବିପଜ୍ଜନକ ଗାଡ଼ିଚାଳନା | ୫୦୦୦ | ୧୦୦୦୦ |
| 185 | ନିଶାସେବନ କରି ଗାଡ଼ି ଚଳାଇବା | ୧୦୦୦୦ | ୧୫୦୦୦ |
| 187 | ଦୁର୍ଘଟଣା ଘଟାଇବା | ୫୦୦୦ | ୧୦୦୦୦ |
| 189 | ବିନା ଅନୁମତିରେ ରେସିଂ ଓ ପରୀକ୍ଷଣ କରିବା | ୫୦୦୦ | ୧୦୦୦୦ |
| 190 (1)(A) | ଅସୁରକ୍ଷିତ ଗାଡିକୁ ଚଳାଇବା | ୧୫୦୦ | ୧୫୦୦ |
| 190 (2) | ବାୟୁ ଓ ଶବ୍ଦ ପ୍ରଦୂଷଣ ନିୟମ ଖିଲାପ | ୧୦୦୦୦ | ୧୦୦୦୦ |
| 190 (3) | ବେନିୟମ ଭାବେ ବିପଦପୂର୍ଣ୍ଣ ସାମଗ୍ରୀ ପରିବହନ କରିବା | ୧୦୦୦୦ | ୨୦୦୦୦ |
| 192 | ବୈଧ ରେଜିଷ୍ଟ୍ରେସନ ଓ ଫିଟ୍‌ନେସ୍ ପ୍ରମାଣପତ୍ର ବିନା ଗାଡ଼ି ଚଳାଇବା ଏବଂ ମାଲ୍‌ଗାଡ଼ିରେ ଯାତ୍ରୀ ପରିବହନ କରିବା | ୫୦୦୦ | ୧୦୦୦୦ |
| 192 (A) | ପରମିଟ୍ ନଥାଇ କିମ୍ବା ପରମିଟ୍ ନିୟମ ଖିଲାପକରି ଗାଡ଼ି ଚଳାଇବା | ୧୦୦୦୦ | ୧୦୦୦୦ |
| 194 (1) | ମାଲବାହୀ ଗାଡ଼ିରେ ଧାର୍ଯ୍ୟ କ୍ଷମତା ଠାରୁ ଅଧିକ ମାଲ ପରିବହନ କରିବା | ୨୦୦୦୦ (ଅତିରିକ୍ତ ଟନ୍ ପିଛା ୨୦୦୦) | |
| 194 (1)(A) | ଯାନର ଉଭୟ ପାର୍ଶ୍ୱ, ଆଗ ଓ ପଛ ପାର୍ଶ୍ୱ ଏବଂ ଉଚ୍ଚତାର ଧାର୍ଯ୍ୟ ସୀମା ବାହାରେ ମାଲ ପରିବହନ କରିବା | ୨୦୦୦୦ | ୨୦୦୦୦ |
| 194 (A) | ବାଣିଜ୍ୟିକ ଯାନରେ କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ କରିବା | ପ୍ରତି ଅଧିକ ଯାତ୍ରୀ ପିଛା ୨୦୦ | |
| 194 (B)(1) | ଚାଳକ ଓ ଯାତ୍ରୀ ସିଟ୍ ବେଲ୍ଟ ନ ପିନ୍ଧିବା | ୧୦୦୦ | ୧୦୦୦ |
| 194 (B)(2) | ୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ ବିନା ସୁରକ୍ଷା ବ୍ୟବସ୍ଥାରେ ଗାଡ଼ିରେ ନେବା | ୧୦୦୦ | ୧୦୦୦ |
| 194 (C) | ଦୁଇଚକିଆ ଯାନରେ ୨ ଜଣରୁ ଅଧିକ ଯାତ୍ରା କରିବା | ୧୦୦୦ | ୧୦୦୦ |
| 194 (D) | ଦୁଇଚକିଆ ଯାନରେ ଚାଳକ ଓ ସହଯାତ୍ରୀ ହେଲ୍‌ମେଟ୍ ନ ପିନ୍ଧିବା | ୧୦୦୦ | ୧୦୦୦ |
| 194 (E) | ଜରୁରିକାଳୀନ ଗାଡ଼ିକୁ ବାଟ ନ ଦେବା | ୧୦୦୦୦ | ୧୦୦୦୦ |
| 194 (F)(A) | ଅନାବଶ୍ୟକ ଭାବେ, ଲଗାତର ଭାବେ ଓ ନିଷିଦ୍ଧାଞ୍ଚଳରେ ହର୍ଣ୍ଣ ବଜାଇବା | ୧୦୦୦ | ୨୦୦୦ |
| 194 (F)(B) | ମୋଟରଯାନର ସାଇଲେନ୍ସରକୁ ବିକୃତ କରିବା | ୧୦୦୦ | ୨୦୦୦ |
| 196 | ବିନା ଇନ୍‌ସ୍ୟୁରାନ୍ସରେ ଗାଡ଼ି ଚଳାଇବା | ୨୦୦୦ | ୪୦୦୦ |
| 199 (A)(2) | କିଶୋର ବୟସ (ଜୁଭେନାଇଲ୍) ରେ ଗାଡ଼ି ଚଳାଇବା | ୨୫୦୦୦ | ୨୫୦୦୦ |

ଆଇନ ଉଲଙ୍ଘନକାରୀ ମାନଙ୍କୁ ଧରିବା ନିମନ୍ତେ ରାଜ୍ୟ ପୁଲିସ ଏବଂ ପରିବହନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି । ସମସ୍ତ ସଡ଼କ ବ୍ୟବହାରକାରୀ ମାନଙ୍କୁ ଟ୍ରାଫିକ୍ ନିୟମର କଡ଼ାକଡ଼ି ଅନୁପାଳନ ନିମନ୍ତେ ଅନୁରୋଧ କରାଯାଉଅଛି ।

**ଆସନ୍ତୁ ଓଡ଼ିଶାକୁ ଏକ ସଡ଼କ ଦୁର୍ଘଟଣା ମୁକ୍ତ ରାଜ୍ୟରେ ପରିଣତ କରିବା ।**

ODISHA ROAD SAFETY SOCIETY

ପରିବହନ କମିଶନର, ଓଡ଼ିଶା

ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି

**ସଂକ୍ଷେପରେ**

## ଗଛ ପଡ଼ି ଛାତ୍ରୀ ଗୁରୁତର

**କେନ୍ଦ୍ରାପଡା ଅଫିସ, ୧୯:** କେନ୍ଦ୍ରାପଡ଼ା ସହରର ତିନିମୁହାଣିସ୍ଥିତ କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ ପରିସରରେ ଗଛ କଟା ହେଉଥିବା ବେଳେ ପଡ଼ିଯିବାରୁ ସେହି ବାଟଦେଇ ଆସୁଥିବା ଭାରତୀ ବିଦ୍ୟା ମନ୍ଦିରର ଛାତ୍ରୀ ସିଜଲ ବଳ ଗୁରୁତର ହୋଇଛନ୍ତି । ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଏସମ୍ପର୍କରେ ପୀଡିତା ଛାତ୍ରୀଙ୍କ ବାପା ଶିଶିର ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ, ଅର୍ବାନ ବ୍ୟାଙ୍କ ପରିସରରେ ଥିବା ଏକ ଆମ୍ବ ଗଛ କଟାଯାଉଥିଲା । ଏହି ସମୟରେ ସିଜଲ ଟିଉସନ ସାରି ସାଇକେଲ ଯୋଗେ ସେହି ବାଟ ଦେଇ ଘରକୁ ଫେରୁଥିବା ବେଳେ ଗଛ ତାଙ୍କ ଉପରେ ପଡ଼ିଥିଲା । ଗଛ କଟା ସମୟରେ କୌଣସି ସତର୍କତା ଅବଲମ୍ବନ କରାଯାଇ ନ ଥିବାରୁ ଏଭଳି ସମସ୍ୟା ଉପୁଜିଥିବା ଶିଶିର ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏସମ୍ପର୍କରେ ଥାନା ଅଧିକାରୀ ଜ୍ୟୋତିଶଙ୍କର ସାମନ୍ତରାୟ କହିଛନ୍ତି,ଅଭିଯୋଗ ମିଳିବା ପରେ ଏନେଇ ତଦନ୍ତ ଚାଲିଛି । ଗଛ କାଟିବା ପାଇଁ ସତର୍କତା ଅବଲମ୍ବନ ଓ ବନ ବିଭାଗ ପରମିସନକୁ ଗୁରୁତ୍ୱ ଦିଆଯାଇଛି ।

## ହୃଦ୍‌ଘାତରେ କଳାକାରଙ୍କ ବିୟୋଗ

**ରାଜନଗର, ୧୯ (ଡି.ଏନ୍.ଏ.):** ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ଚନ୍ଦ୍ରଶିଖର ଗ୍ରାମର ବୀଣାକର ସ୍ୱାଇଁ (୫୫) ଙ୍କର ରବିବାର ହୃଦ୍‌ଘାତରେ ପରଲୋକ ଘଟିଛି। ପୂର୍ବାହ୍ନରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଥିବା ବେଳେ ରାସ୍ତାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ସ୍ୱାଇଁ ଏକାଧାରରେ ଜଣେ ସଂଗୀତକାର, ନାଟ୍ୟକାର ଏବଂ ମଞ୍ଚ ଅଭିନେତା ଭାବେ ରାଜନଗର ଅଞ୍ଚଳରେ ସୁପରିଚିତ ଥିଲେ। ଗ୍ରାମାଞ୍ଚଳ ନାଟକ ପ୍ରତିଯୋଗିତାରେ ତାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ପ୍ରଭାବିତ କରୁଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କୁରୁଣ୍ଟିର ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ମହାନ୍ତି ଓ ପୂର୍ବତନ ଜିଲାପରିଷଦ ସଦସ୍ୟ ଅରୁଣ କୁମାର ରାଉତ ସ୍ୱର୍ଗତ ସ୍ୱାଇଁଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ସାମାଜିକ କର୍ମୀଙ୍କ ସ୍ମୃତିସଭା

**ଡେରାବିଶ, ୧୯ (ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ଶିକ୍ଷା ସର୍କଲ ଅଧୀନ ଜମଧର ପଞ୍ଚାୟତସ୍ଥିତ ରତ୍ନାକର ନୋଡାଲ୍ ହାଇସ୍କୁଲ ପରିସରରେ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ବିଷ୍ଣୁଚରଣ ସାହୁଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ସମ୍ପାଦକ ଜମଧର କାର୍ତ୍ତିକ ଚରଣ ନାୟକ ଅଧ୍ୟକ୍ଷତା କରିଥିଲେ। ସଭାରେ ଶିକ୍ଷାବିତ୍ କସ୍ତୁରୀ ଚରଣ ପାତ୍ର ମୁଖ୍ୟଅତିଥି ଓ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତୀ ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ଉତ୍ତମ ଚରଣ ପ୍ରଧାନ, ଧ୍ରୁବ ଚରଣ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ସ୍ୱର୍ଗତ ସାହୁଙ୍କ ବହୁବିଧ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ରବିନାରାୟଣ ଜେନା, ବେଣୁଧର ନାଥ, କ୍ଷିରୋଧଚନ୍ଦ୍ର ନାଥ, ନାରାୟଣ ନାଥ, ଦିବାକର ପଲାଇ, ଶିବପ୍ରସାଦ ସାହୁ, ପ୍ରସନ୍ନ କୁମାର ସାହୁ, କ୍ଷୀରୋବାଳା ପରିଡ଼ା, ସୁଧୀର ରଞ୍ଜନ ଦାସ, କୃଷ୍ଣଚନ୍ଦ୍ର ପଲାଇ ପ୍ରମୁଖ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ବିଦ୍ୟାଳୟର କର୍ମଚାରୀ ଅମରେନ୍ଦ୍ର ପରିଡ଼ା ଧନ୍ୟବାଦ ପ୍ରଦାନ କରିଥିଲେ।

## ସ୍ୱାସ୍ଥ୍ୟ ସେବା ଶିବିର

**ପଟ୍ଟାମୁଣ୍ଡାଇ, ୧୯ (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘ ଓ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରବିବାର ସ୍ଥାନୀୟ ରାଧାରମଣ ମଠ ପରିସରରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା। ଶିବରକୁ ରାଧାରମଣ ମଠ ମହନ୍ତ ଅସିମାନନ୍ଦ ଦାସ ମହାରାଜ ଉଦ୍‌ଘରଟନ କରିଥିଲେ। ଶିବିରରେ ବିଭିନ୍ନ ବିଭାଗର ବିଶେଷଜ୍ଞମାନେ ଉପସ୍ଥିତ ରହି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ଶିବିରରେ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ନାରାୟଣ ଚନ୍ଦ୍ର ମହାକୁଳ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ସନତ ଚନ୍ଦ୍ର ସ୍ୱାଇଁ, ଡା. ବିରଞ୍ଚି ନାରାୟଣ ଜଗଦେବ ଓ ଆୟୁଷ ଡାକ୍ତର ହୃଷୀକେଶ ଲେଙ୍କା, ଡା. ଅମିତ୍ ପୃଷ୍ଟି, ଡା. ବିଷ୍ଣୁପ୍ରସାଦ ସର ପ୍ରମୁଖ ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଦସ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

**ଜିଲାରେ ଅନୁପ୍ରବେଶ ସମସ୍ୟା**

# ଏନ୍‌ଆର୍‌ସି ପ୍ରସ୍ତୁତି ପାଇଁ ଚିଠି ପରେ ବଢୁଛି ବିବାଦ

- ପୁରୁଷାନୁକ୍ରମେ ଜଙ୍ଗଲ ଜମିରେ ରହୁଛନ୍ତି କେ ଫର୍ମ ପଟ୍ଟାଧାରୀ
- ଆଭ୍ୟନ୍ତରୀଣ ଓ ପରିବେଶ ସୁରକ୍ଷା ପ୍ରତି ବିପଦ

**କେନ୍ଦ୍ରାପଡା ଅଫିସ,୧୯**

କେନ୍ଦ୍ରାପଡ଼ା ଜିଲାରେ ନ୍ୟାଶନାଲ ରାଇଟସ ଅଫ ସିଟିଜେନ (ଏନ୍‌ଆର୍‌ସି) ପ୍ରସ୍ତୁତି ପାଇଁ ଗତ ଅଗଷ୍ଟ ୩ରେ ଜଙ୍ଗଲ ଓ ପରିବେଶ ବିଭାଗ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଚିଠି କରିଛି । ଏହି ଚିଠି ପରେ ଭିତରକନିକା ଆର୍ଦ୍ରଭୂମି ସୁରକ୍ଷା କମିଟି ଓ ଜଙ୍ଗଲ ଜମି ଅଧିକାର ପାଇଁ ଦାବି କରୁଥିବା ଅଧିବାସୀଙ୍କ ମଧ୍ୟରେ ଏକ ପ୍ରକାର ଦ୍ୱନ୍ଦ୍ୱ ବଢ଼ିଚାଲିଛି । ଜିଲାରେ ପରିବେଶ ଓ ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ଏନ୍‌ଆର୍‌ସି ପ୍ରସ୍ତୁତି ନିମନ୍ତେ ଆର୍ଦ୍ରଭୂମି ସୁରକ୍ଷା କମିଟି ଦାବି କରୁଥିବା ବେଳେ ଦୀର୍ଘ ଦିନ ଧରି କେ ଫର୍ମ ପାଇଥିବା ନାଗରିକମାନେ ଏହାକୁ ବିରୋଧ କରିଛନ୍ତି। ନିଜର ଅଧିକାର ସାବ୍ୟସ୍ତ ପାଇଁ ଲଢ଼େଇ କରିବାକୁ ପ୍ରସ୍ତୁତ ବୋଲି ସେମାନେ କହିଛନ୍ତି।

ସୂଚନାଯୋଗ୍ୟ, ୧୯୫୦ରେ ପୂର୍ବ ପାକିସ୍ତାନ (ବାଂଲାଦେଶ)ରେ ଯୁଦ୍ଧ ବେଳେ ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ଶରଣାର୍ଥୀ ଭାରତକୁ ଚାଲି ଆସିଥିଲେ। ସେମାନଙ୍କ ମଧ୍ୟରୁ କେନ୍ଦ୍ରାପଡ଼ାକୁ ଆସିଥିବା ୧୨୩୭ ଜଣ ଶରଣାର୍ଥୀଙ୍କୁ ମହାକାଳପଡ଼ା ବ୍ଲକରେ ଥଇଥାନ କରାଯାଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ସେମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇଥିଲା। ୨୦୦୫ରେ ଏହି ଜିଲାର ୧୬୭୧ ଜଣ ଅନୁପ୍ରବେଶକାରୀଙ୍କୁ ପ୍ରଶାସନ ପକ୍ଷରୁ ଦେଶାନ୍ତର ନୋଟିସ୍ ଦିଆଯାଇଥିଲା । ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ନ ଥିବା ବେଳେ ୨୦୧୧ ଜନଗଣନାରେ ଜିଲାରେ ବଙ୍ଗ ଭାଷାଭାଷୀଙ୍କ ସଂଖ୍ୟା ବୃଦ୍ଧି ପାଇ ୭୬ ହଜାରରେ ପହଞ୍ଚିଥିଲା। ସେହିପରି ଗତ ୪୦ ବର୍ଷ ମଧ୍ୟରେ ଜାତୀୟ ଉଦ୍ୟାନ ଭିତରକନିକାରେ ୪୩ ଗ୍ରାମ ଗଢ଼ିଉଠିଛି । ଏହି ଗ୍ରାମଗୁଡିକ ବନାଞ୍ଚଳ ମଧ୍ୟରେ ରହିଥିବାରୁ ସେମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇ ନ ଥିଲା। କେ ଫର୍ମ ମାଧ୍ୟମରେ ସେହି ଅଞ୍ଚଳର ଅଧିବାସୀ ରାଜ୍ୟ ସରକାରଙ୍କୁ ରାଜସ୍ୱ ଦେଉଥିଲେ । ତେବେ ଗତ ୨୦୧୩ରୁ କେ ଫର୍ମ ପଟ୍ଟାରେ ରାଜସ୍ୱ ଆଦାୟ ହେଉ ନ ଥିବାରୁ ଏନେଇ ସ୍ଥାନୀୟ ଅଧିବାସୀଙ୍କ ଚିନ୍ତା ବଢ଼ିଯାଇଛି। ଏହାର ସମାଧାନ ଲାଗି ସେମାନେ ପ୍ରଶାସକ ଓ ରାଜନେତାଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ମହାକାଳପଡାର ଶିବରାମ ମଣ୍ଡଳ, ରଶ୍ମିରଞ୍ଜନ ରାୟ, ସୁକଦେବ ଦେବୋନାଥ, ସେକ୍ ଇମିତଆଜ ପ୍ରମୁଖ କହିଛନ୍ତି, ଏହି ଅଞ୍ଚଳରେ ଅନୁପ୍ରବେଶ ହେଉଥିବା ନେଇ ଚର୍ଚ୍ଚା ହେଉଛି। ମାତ୍ର ତାହାର କୌଣସି ଭିତ୍ତିଭୂମି ନାହିଁ । ସ୍ଥାନୀୟ ଅଞ୍ଚଳରେ ରହୁଥିବା ବ୍ୟକ୍ତି ପୁରୁଷାନୁକ୍ରମେ ଜଙ୍ଗଲ ଜମିରେ ରହିଆସୁଛନ୍ତି। ସେମାନଙ୍କୁ କେ ଫର୍ମ ପଟ୍ଟା ମିଳିବା ସହ ସରକାରୀ ଯୋଜନାରେ ସାମିଲ କରାଯାଇଛି। ତେବେ ଜଙ୍ଗଲ ବିଭାଗ ପକ୍ଷରୁ ଏହି ଜମିରେ ଘର କରିବା ପାଇଁ ଦିଆଯାଉ ନ ଥିବା ବେଳେ ଉନ୍ନୟନ କାର୍ଯ୍ୟଗୁଡିକୁ ବନ୍ଦ କରାଯାଇଛି । ଏନେଇ ବିଧାନସଭାରେ ମଧ୍ୟ ଆଲୋଚନା ହୋଇଛି । କିଛି କ୍ଷେତ୍ରରେ ଜମିର ହକ୍ ପାଇଁ ଆଇନର ସହାୟତା ନିଆଯାଇଥିବା ସ୍ଥାନୀୟ ଅଧିବାସୀ ଦର୍ଶାଇଛନ୍ତି । ଅପରପକ୍ଷରେ ଆର୍ଦ୍ରଭୂମି ସୁରକ୍ଷା କମିଟି ସଦସ୍ୟ ରଞ୍ଜନ କୁମାର ଦାସ, ପ୍ରମୋଦ କୁମାର ସ୍ୱାଇଁ, ପ୍ରତାପ କୁମାର ମହାନ୍ତି, ପ୍ରତାପ ଚନ୍ଦ୍ର ପାଢ଼ୀ ଓ ଆଳୟ ସାମନ୍ତରାୟ ପ୍ରମୁଖ କହିଛନ୍ତି, ବହୁ ସଂଖ୍ୟାରେ ଅନୁପ୍ରବେଶକାରୀଙ୍କୁ ସ୍ଥାନୀୟ ଅଞ୍ଚଳରେ କେ ଫର୍ମ ପଟ୍ଟା ଦିଆଯାଇଛି। ସେମାନେ ରାଜନେତାଙ୍କ ଭୋଟବ୍ୟାଙ୍କ ହୋଇଥିବା ବେଳେ ଟଙ୍କା ବଳରେ ଏହି ଫର୍ମ ହାସଲ କରିଛନ୍ତି । ଜିଲାରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଦ୍ରୁତ ବେଗରେ ବଢୁଥିବାରୁ ସୁରକ୍ଷାକୁ ଦୃଷ୍ଟିରେ ରଖି ଏନଆରସି ପ୍ରସ୍ତୁତି ଜରୁରୀ ହୋଇପଡିଛି । ଅନୁପ୍ରବେଶକାରୀ ଏହି ଅଞ୍ଚଳରେ ପରିବେଶ ନଷ୍ଟ କରୁଛନ୍ତି ବୋଲି ଆର୍ଦ୍ରଭୂମି ସୁରକ୍ଷା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି । ଏଥିଯୋଗୁ ବିଶ୍ୱ ଐତିହ୍ୟ ମାନ୍ୟତାରୁ ଜାତୀୟ ଉଦ୍ୟାନ ଭିତରକନିକା ବାଦ ପଡିଛି ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହାସତ୍ତ୍ୱେ ରାଜନେତା ଓ ପ୍ରଶାସକମାନେ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ କମିଟି ସଦସ୍ୟ କ୍ଷୋଭ ପ୍ରକାଶ କରିଛନ୍ତି । ଜଙ୍ଗଲ ଜମିରେ ରହି ଗଛ କାଟିବା, ପଶୁପକ୍ଷୀ ଶିକାର କରିବା, ଚିଙ୍ଗୁଡି ଘେରି କରି ପରିବେଶ ନଷ୍ଟ କରିବା ସହ ନିଶା ଓ ଚୋରା କାରବାର କରି ଆପରାଧିକ କାର୍ଯ୍ୟକ୍ରମ ଚଳାଇଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ପରିବେଶର ଏହି ଅବକ୍ଷୟକୁ ଏବେଠାରୁ ନ ରୋକିଲେ ଆଗାମୀ ଦିନରେ ଜିଲାବାସୀ ବିପଦରେ ପଡିବେ ବୋଲି ସେମାନେ ଚେତାଇ ଦେଇଛନ୍ତି । ଏଭଳି ଭାବେ ପରସ୍ପର ମଧ୍ୟରେ ବାଦ ବିବାଦ ବଢ଼ି ଚାଲିଥିବାବେଳେ ଆଗାମୀ ଦିନରେ ଏନ୍‌ଆରସି ପ୍ରସ୍ତୁତି ପାଇଁ କିଭଳି ପଦକ୍ଷେପ ନିଆଯିବ ତାହା ଦେଖିବାକୁ ବାକି ରହିଲା।

## ବ୍ୟବସାୟୀ ମହାସଂଘର ନୂତନ କର୍ମକର୍ତ୍ତା ଚୟନ

**କେନ୍ଦ୍ରାପଡା ଅଫିସ, ୧୯**

କେନ୍ଦ୍ରାପଡ଼ା ତେଜରାତି ବ୍ୟବସାୟୀ ସଂଘର ଶୁକ୍ରବାର ନୂତନ କର୍ମକର୍ତ୍ତା ଚୟନ ହୋଇଛି । ଲୋକନାଥ ମଣ୍ଡପରେ ଅନୁଷ୍ଠିତ ଏହି ବୈଠକର ନିଷ୍ପତ୍ତିକ୍ରମେ ନୂତନ ସଭାପତି ଭାବେ ନାରାୟଣ ପ୍ରସାଦ ନାୟକଙ୍କୁ ସଭାପତି ଭାବେ ମନୋନୟନ କରାଯାଇଛି । ସେହିପରି ଉପସଭାପତି ଭାବେ ମୀର ଜାବିର, ସମ୍ପାଦକ କୁଞ୍ଜବିହାରୀ ଭଗତ, ସହ ସମ୍ପାଦକ ସୁଶାନ୍ତ କୁମାର ସାହୁ ଓ କୋଷାଧ୍ୟକ୍ଷଭାବେ ପ୍ରଭାତ କୁମାର ସାହୁଙ୍କୁ ମନୋନୀତ କରାଯାଇଛି । ଏଥିସହ ଉପଦେଷ୍ଟା ମଣ୍ଡଳୀରେ ତପନ କୁମାର ଦାସ, ସୁଶାନ୍ତ କୁମାର ସାହୁ, ପ୍ରଭାତ କୁମାର ସାହୁ, ଅନିଲ କୁମାର ସାହୁ, ଅଜୟ କୁମାର ବିହାରୀ, ଦିଲୀପ କୁମାର ସାହୁ, ରଶ୍ମିରଞ୍ଜନ ସାହୁ, ବୁନୁ ପତ୍ରି, ପ୍ରଭାତ କୁମାର ସାହୁ ଓ ଧର୍ମେନ୍ଦ୍ର ସାହୁଙ୍କୁ ସାମିଲ କରାଯାଇଛି । ଏହି ଅବସରରେ ସଂଘ ସଦସ୍ୟଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା ।

## ବାଲିଯାତ୍ରା କମିଟିର ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡା ଅଫିସ, ୧୯**

କେନ୍ଦ୍ରାପଡା ବାଲିଯାତ୍ରା କମିଟି ପକ୍ଷରୁ ୨ୟ ପ୍ରସ୍ତୁତି ବୈଠକ ରବିବାର ଯାଜପୁର ଜିଲା ଓଳାଶୁଣୀ ପାନ୍ଥଶାଳାଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଆଗାମୀ ବାଲିଯାତ୍ରା ପାଇଁ ସମ୍ଭାବ୍ୟ ଯୋଜନା ଉପସ୍ଥାପିତ ହୋଇଥିଲା । ସଞ୍ଜୟ କୁମାର ଜେନା, ଧୀରେନ୍ଦ୍ର କୁମାର ଦାସ ଓ ରମଣୀରଞ୍ଜନ ରାଉତରାୟ ଯୋଗଦେଇ ଆଗାମୀ ଦିନରେ ଏହି ଜିଲାସ୍ତରୀୟ ମହୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ଆଲୋଚନା ହୋଇଥିଲା। ଏନେଇ ସଦସ୍ୟମାନଙ୍କୁ ଦାୟିତ୍ୱ ବଣ୍ଟନ କରିବା ନିମନ୍ତେ ପ୍ରସ୍ତାବ ଆଗତ ହୋଇଥିଲା। ଏହି ଅବସରରେ ୫ଟି କୋର କମିଟି ଗଠନ କରାଯାଇ ସଦସ୍ୟଙ୍କୁ ଦାୟିତ୍ୱ ହସ୍ତାନ୍ତରିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶୁଭ୍ରାଂଶୁ କୁମାର ଦାସ, ପ୍ରଫୁଲ୍ଲ କୁମାର ଦାସ, ଜଗଦିଶ ପତି, ସେକ ଅଜିମୁଦ୍ଦିନ, କିଶୋର କୁମାର ପ୍ରଧାନ, ଟୁଟୁ ଗେରୁ ଓ ବ୍ରଜ ସୁନ୍ଦର ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ନଦୀରେ ବୁଡ଼ି ବୃଦ୍ଧା ମୃତ

**ପାଟକୁରା, ୧୯ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ଅଧୀନ କଳାବୁଦା ପଞ୍ଚାୟତ କଳାବୁଦା ଗ୍ରାମର ଚମ୍ପା ସାହୁ(୮୦) ଶନିବାର ନିକଟସ୍ଥ ଚିତ୍ରୋତ୍ପଳା ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଚମ୍ପା ଗାଧୋଇବାକୁ ଚିତ୍ରୋତ୍ପଳା ନଦୀର ବୁଦାବାରୁଣୀ ଘାଟକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ପାଖରେ ଥିବା ଲୋକମାନେ ନଦୀକୁ ଡେଇଁ ତାଙ୍କୁ ଉଦ୍ଧାର କରିବା ଆମ୍ବୁଲାନ୍ସ ଯୋଗେ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଭୋଟର ତାଲିକା ଯାଞ୍ଚ ଆରମ୍ଭ

**କେନ୍ଦ୍ରାପଡା ଅଫିସ, ୧୯**




ଭୋଟର ତାଲିକା ଯାଞ୍ଚ ଅବସରରେ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟମାନେ ।।

ଦେଶରେ ୨୦୨୦ ଭୋଟର ତାଲିକା ପାଇଁ ଯାଞ୍ଚ ପ୍ରକ୍ରିୟା ରବିବାରଠାରୁ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ସହରର ଇଚ୍ଛାପୁର ପ୍ରାଥମିକ ବିଦ୍ୟାଳୟରେ ମୁନିସିପାଲିଟିସ୍ତରରେ ଭୋଟର ତାଲିକା ଯାଞ୍ଚ ଆରମ୍ଭ ହୋଇଛି । ଜିଲାପାଳ ସମର୍ଥ ବର୍ମା ଏହାକୁ ଉଦ୍‌ଘାଟନ କରିଥିଲେ । ଉପଜିଲାପାଳ ତଥା ପୌରପାଳିକା ପ୍ରଶାସକ ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥିଭାବେ ଜିଲାପାଳ ବର୍ମା, ପୌରପାଳିକା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ସହକାରୀ ଜିଲାପାଳ ପ୍ରଶାନ୍ତ ସାମଲ ଓ ବିଏଲଓ ଆଲୋକ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନେ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ବହୁ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ କରାଯାଇଥିବା ବେଳେ କିଛି ଭୋଟରଙ୍କ ପରିଚୟପତ୍ରରେ ହୋଇଥିବା ଭୁଲ ସୁଧାରିବା ପାଇଁ ଫର୍ମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୌରପାଳିକା କର୍ମଚାରୀମାନେ ପରିଚାଳନା କରିଥିଲେ।

## ଆତ୍ମବିଶ୍ୱାସ ଥିଲେ ମଣିଷ ଶୀର୍ଷ ସ୍ଥାନରେ ପହଞ୍ଚିପାରିବ

**ରାଜକନିକା ୧୯, (ଡି.ଏନ୍.ଏ.)**



ଆତ୍ମବିଶ୍ୱାସ ଦିବସ ପାଳନ ଅବସରରେ ଆୟୋଜିତ ସଭାରେ ଅତିଥିମାନେ।

ରାଜକନିକା ବ୍ଲକ ଅଧୀନ ହାଟସାହି ନୋଡାଲ ଉଚ୍ଚବିଦ୍ୟାଳୟରେ ଶନିବାର ଆତ୍ମବିଶ୍ୱାସ ଦିବସ ପାଳିତ ହୋଇଯାଇଛି । ହାଟସାହି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକ୍ରମ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥିଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପରିକ୍ଷିତ ପଡିଆରୀ, ସମ୍ମାନିତ ଅତିଥିଭାବେ ଭରତ ଚନ୍ଦ୍ର ସମାଜସେବା ଟ୍ରଷ୍ଟର ସଭାପତି ଶିବରାମ ଦାସ ଓ ବିଦ୍ୟାଳୟପରିଚାଳନା କମିଟିର ସଭାପତି ନକୁଳ ଚରଣ ମଲ୍ଲିକ ଯୋଗଦେଇଥିଲେ। ସେହିପରି ମୁଖ୍ୟବକ୍ତାଭାବେ କେନ୍ଦ୍ରାପଡ଼ା ଇକୋକ୍ଲବ ମାଷ୍ଟର ଟ୍ରେନର ସୁଭାସ ଚନ୍ଦ୍ର ରାଉତ ଯୋଗଦେଇଥିଲେ। ଆତ୍ମବିଶ୍ୱାସ ଥିଲେ ମଣିଷ ଶୀର୍ଷ ସ୍ଥାନରେ ପହଞ୍ଚି ପାରିବ ବୋଲି ଏହି ଅବସରରେ ଅତିଥିମାନେ କହିଥିଲେ। ଦେଶ ଓ ଜାତିର ସେବାରେ ନିଜକୁ ଉତ୍ସର୍ଗ କରିବାକୁ ସେମାନେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ । ଛାତ୍ର କୀର୍ତ୍ତି କୁମାର ବେହେରା ଓ ସତ୍ୟମ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଗତ ଜୁନ ୫ରେ ପ୍ରକୃତି ବନ୍ଧୁ ବିବେଚିତ ହୋଇ ରାଜ୍ୟସରକାରଙ୍କଠାରୁ ପୁରସ୍କୃତ ହୋଇଥିବା ବିଜ୍ଞାନ ଶିକ୍ଷକ ନିରଞ୍ଜନ ବେହେରା ଯୋଗଦେଇପୁରସ୍କାର ରାଶି ୫ହଜାର ଟଙ୍କାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ପ୍ରଦାନ କରିଥିଲେ। ପରିବେଶର ସୁରକ୍ଷା ନିମନ୍ତେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ପାଇଁ ଏହି ଅର୍ଥରାଶି ସେ ଦାନ କରିଥିବା କହିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଫୁଲ୍ଲ କୁମାର ସୂତାର, ଜିତେନ୍ଦ୍ର କୁମାର ଦାଶ , କୃଷ୍ଣଚନ୍ଦ୍ର ଥାଟୋଇ , ସୁଜିତ୍ କୁମାର ଦାସ , ଅମ୍ବରିଶ ଦାସ , ଶିକ୍ଷୟିତ୍ରୀ ଜୟଶ୍ରୀ ସାମଲ ଓ ମିତାରାଣି ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

## ଯୁବ ଚାଷୀଙ୍କ ମୃତ୍ୟୁରେ ପ୍ରାର୍ଥନା ସଭା

**ରାଜକନିକା,୧୯(ଡି.ଏନ୍.ଏ.)**

ରାଜକନିକା ବ୍ଲକ ଚରପଡା ପଞ୍ଚାୟତ ଅନ୍ତର୍ଗତ ରସିକନଗର ଗ୍ରାମର ଯୁବ ଚାଷୀ ଜଗନ୍ନାଥ ଦାସଙ୍କ ଅଗଷ୍ଟ ୨୨ରେ ବଜ୍ରପାତରେ ମୃତ୍ୟୁ ଘଟିଥିଲା। ରବିବାର ତାଙ୍କ ଏକାଦଶାହ ତିଥିରେ ଗ୍ରାମବାସୀଙ୍କ ପକ୍ଷରୁ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ବାବୁରାମ ଜେନା, ୨୭ନଂ ଯୋନ ସଭାପତି ଅଜୟ ଦାସ, ମଙ୍ଗୁଳି ଚରଣ ବେହେରା, ସତ୍ୟ ପ୍ରକାଶ ପରିଡା, ରମାକାନ୍ତ ସାହୁ ଓ ଅଭିମନ୍ୟୁ ମଲିକ ପ୍ରମୁଖ ଯୋଗଦେଇ ଅମର ଆତ୍ମାର ସଦଗ୍‌ତି ନିମନ୍ତେ ପ୍ରାର୍ଥନା କରିଥିଲେ।

## ଏସ୍‌ଏଚ୍‌ଜି ନେତ୍ରୀଙ୍କ ତାଲିମ ଶିବିର

**ଡେରାବିଶ ୧୯ (ସ୍ୱ.ପ୍ର.)**

ଡେ଼ରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗସ୍ଥିତ ଜୟଭାରତୀ ସାଥିସମାଜ ପରିସରରେ ଶନିବାର ମହିଳା ସ୍ୱୟଂସହାୟକା ଗୋଷ୍ଠୀନେତ୍ରୀମାନଙ୍କ ତୃଣମୂଳସ୍ତରୀୟ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ନାବାର୍ଡ଼ ପ୍ରାୟୋଜିତ ଓ ସାଥିସମାଜ ଦ୍ୱାରା ଆୟୋଜିତ ଏହି ତାଲିମ ଶିବିରରେ ୪୦ ସ୍ୱୟଂ ସହାୟକା ଗୋଷ୍ଠୀର ୬୭ ଜଣ କର୍ମକର୍ତ୍ତା ଯୋଗ ଦେଇଥିଲେ । ଜିଲା ନାବାର୍ଡ଼ ବିକାଶ ପ୍ରବନ୍ଧକ ଅଶୋକ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସେହିପରି ଅତିଥିଭାବେ ଜିବିକା ମିଶନର ଜିଲା ପରାମର୍ଶଦାତା କୃଷ୍ଣଚନ୍ଦ୍ର ମହାପାତ୍ର, ଆର୍ଥିକ ସାକ୍ଷରତା ସଂଯୋଜକ ବାମଦେବ ସାହୁ, ଆରସେଟିର ନିର୍ଦ୍ଦେଶକ ମଳୟ କୁମାର ମିତ୍ର, ବ୍ଲକ ସଂଯୋଜିକା ରଶ୍ମିରେଖା ସାହୁ ଯୋଗଦେଇଥିଲେ। ବ୍ଲକ ମିଶନଶକ୍ତି ସମ୍ପାଦିକା ମନୋରମା ରାଉତ ପ୍ରଶିକ୍ଷକଭାବେ ଯୋଗଦେଇ ମହିଳାଶକ୍ତୀକରଣ, ଗୋଷ୍ଠି ପରିଚାଳନା, ୟନଥିପତ୍ର ପ୍ରସ୍ତୁତି, ଆର୍ଥିକ ପରିଚାଳନା ଓ ରାଜ୍ୟ ଜୀବିକା ମିଶନର ପଦକ୍ଷେପ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଅତିଥିମାନେ ସୂଚନା ଅଧିକାର ଓ ଜଳ ସଂରକ୍ଷଣ ସମ୍ପର୍କରେ ସୂଚନା ଦେଇଥିଲେ। ପଞ୍ଚାୟତ ମହାସଂଘର ସଭାନେତ୍ରୀ ସସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବହେଳିତ ଦିବ୍ୟସିଂହ ଦେବଙ୍କ ସମାଧିପୀଠ

କେନ୍ଦ୍ରାପଡ଼ାର ଐତିହ୍ୟ ବହୁ ପ୍ରାଚୀନ । ସାଂସ୍କୃତିକ ବୈଭବ, ନୌବାଣିଜ୍ୟ ପରମ୍ପରା ସହ ବିଭିନ୍ନ ସମୟରେ ମୁନିଋଷିମାନେ ସେମାନଙ୍କ ସାଧନାସ୍ଥଳୀ ଭାବେ ଏହାକୁ ପରିପୁଷ୍ଟ କରିଛନ୍ତି । ତେବେ ଏହି ସହରରେ ଏକ ଅଭୁଲା କାହାଣୀ ଏବେ ଇତିହାସ ପାଲଟିଯାଇଛି । ପୁରୀ ଗଜପତି ଦିବ୍ୟସିଂହ ଦେବ ତାଙ୍କର ଶେଷ ଜୀବନ ଏଠାରେ ରାଜାବାବାଭାବେ କଟାଇଥିବା ଶୁଣିବାକୁ ମିଳେ।

**କେନ୍ଦ୍ରାପଡା ଅଫିସ, ୧୯**



କେନ୍ଦ୍ରାପଡ଼ା ସହରସ୍ଥିତ ବିନୋଦବିହାରୀ ମନ୍ଦିର ନିକଟ ବାଲାବାବାଙ୍କ ମଠରେ ରହିଛି ରାଜାବାବାଙ୍କ ସମାଧିପୀଠ । ଏହି ପୀଠ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ ହୋଇପଡ଼ିଛି। ଏଠାରେ ଥିବା ସୁଡଙ୍ଗଟି ଏବେ ଜରାଜୀର୍ଣ୍ଣ ହୋଇପଡିଛି। ଏହାର ପୁନରୁଦ୍ଧାର କରିବା ପାଇଁ ସାଧାରଣରେ ଦାବି ହୋଇଛି।

ସୂଚନାଯୋଗ୍ୟ, ରାଜାବାବାଙ୍କ ପ୍ରତିମୂର୍ତ୍ତିର ଠିକ୍ ପଛପଟକୁ ଏହି ସୁଡ଼ଙ୍ଗ ରହିଛି। ୫୦୦ ମିଟର ଲମ୍ବର ଏହି ସୁଡ଼ଙ୍ଗ ଗୋବରୀ ନଦୀ ସହ ସଂଯୋଗ ହୋଇଛି। ବ୍ରିଟିଶରାଜ ସମୟରେ ପୋଲିସଙ୍କୁ ଚକମା ଦେଇ ପଳାଇବା ପାଇଁ ଏହାକୁ ନିର୍ମାଣ କରାଯାଇଥିଲା ବୋଲି ଶୁଣିବାକୁ ମିଳେ । ଦୀର୍ଘଦିନ ଧରି ସୁଡ଼ଙ୍ଗ ଅବ୍ୟବହୃତ ହୋଇପଡ଼ିବାରୁ ଏବେ ପୋତାଯାଇଛି ବୋଲି ଗୋପୀନାଥ ଜୀଉ ଟ୍ରଷ୍ଟ ବୋର୍ଡ ପରିଚାଳକ ବିପଦଭଞ୍ଜନ ଦାଶ କହିଛନ୍ତି ।

ତେବେ ଲୋକ କଥାଅନୁସାରେ, ଏହି ରାଜାବାବା ହେଉଛନ୍ତି ଓଡ଼ିଶାର ତତ୍କାଳୀନ ମଉଡ଼ମଣି ଗଜପତି ଦିବ୍ୟସିଂହ ଦେବ । ସେ ୧୯୦୪ ପର୍ଯ୍ୟନ୍ତ ଜୀବିତ ଥିଲେ। ଏବିଷୟରେ ପ୍ରସିଦ୍ଧ ଲେଖକ ଜନ ବିମସଙ୍କ ଆତ୍ମଜୀବନୀ ମେମୋରିଜ ଇନ ବେଙ୍ଗଲ ସିଭିଲିଆନରେ ବିସ୍ତୃତ ଭାବେ ଉଲ୍ଲେଖ ରହିଛି ବୋଲି ବୁଦ୍ଧିଜୀବୀ ଆଶିଷ କୁମାର ସେନାପତି କୁହନ୍ତି।

୨୦୧୩ ଓଡ଼ିଶା ରିଭ୍ୟୁରେ କେନ୍ଦ୍ରାପଡ଼ାରେ ରହୁଥିବା ରାଜାବାବା ଗଜପତି ଦିବ୍ୟସିଂହ ବୋଲି ଡ. ଜନ୍ମେଞ୍ଜୟ ଚୌଧୁରୀ ଉଲ୍ଲେଖ କରିଛନ୍ତି। ରାଜାବାବା ତାଙ୍କ ମୃତ୍ୟୁ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଜଣେ ଶିଷ୍ୟଙ୍କୁ ନିଜର ପରିଚୟ ସମ୍ବନ୍ଧରେ ଜଣାଇଥିବା ଶୁଣିବାକୁ ମିଳେ । ଜନ ବିମସ ଓ ଡ. ଚୌଧୁରୀଙ୍କ ତଥ୍ୟ ଅନୁଯାୟୀ, ୧୮୭୭ ଦୋଳଯାତ୍ରା ଓ ଗୋବିନ୍ଦ ଦ୍ୱାଦଶୀ ବେଳେ ପୁରୀରେ ପ୍ରବଳ ଭିଡ଼ ହୋଇଥିଲା । ଏହି ସମୟରେ ସିଂହଦ୍ୱାରରେ ଦଳାଚକଟାରେ କିଛି ଶ୍ରଦ୍ଧାଳୁଙ୍କ ଦେହାନ୍ତ ହୋଇଥିଲା । ଫଳରେ ତତ୍କାଳୀନ ବ୍ରିଟିଶ ଶାସକଙ୍କ କୋପଦୃଷ୍ଟିରେ ଗଜପତି ଦିବ୍ୟସିଂହ ଦେବ ପଡ଼ିଥିଲେ। ଏଥିସହ ପୁରୀଠାରୁ ୬ ମାଇଲ ଦୂରରେ ଥିବା ଦାମୋଦରପୁରସ୍ଥିତ ମଠ ମହନ୍ତ ଶିବ ଦାସ ଓ ତାଙ୍କର ସହଯୋଗୀଙ୍କୁ ହତ୍ୟା କରିବା ଅପରାଧରେ ୧୮୭୮ ଫେବୃୟାରୀରେ ଗଜପତିଙ୍କୁ ଗିରଫ କରାଯାଇ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାକୁ କଲିକତା କୋର୍ଟରେ ବିଚାର କରାଯାଇ ଆଣ୍ଡାମାନ ଦ୍ୱୀପକୁ ବନ୍ଦୀ ଜୀବନ କାଟିବା ପାଇଁ ତାଙ୍କୁ ପଠାଯାଇଥିଲା। ଯାଜପୁର ଜିଲା ତରାଙ୍ଗସାଗରପୁରର ଐତିହାସିକ ଏକାଦଶୀ ପାଢ଼ୀଙ୍କ ମତରେ ଆଣ୍ଡାମାନ ଦ୍ୱୀପରେ ତାଙ୍କର ଜୀବନଦୀପ ଲିଭିଥିଲା। ମାତ୍ର ଜନ ବିମସଙ୍କ ଆତ୍ମଜୀବନୀ ଅନୁସାରେ ଗଜପତି କୌଣସିମତେ ଆଣ୍ଡାମାନରୁ ଆସି କେନ୍ଦ୍ରାପଡ଼ାରେ ରହି ରାଜାବାବା ଭାବେ ପରିଚିତ ହୋଇଥିଲେ । ଏଠାରେ ତାଙ୍କର ଶେଷ ଜୀବନ କଟିଥିଲା । ପୋଲିସ ଧରି ନେବା ଭୟରେ ଏହି ୫୦୦ ମିଟର ସୁଡ଼ଙ୍ଗ ଖୋଳା ଯାଇଥିଲା ।

ବୌଦ୍ଧ ଗବେଷକ ଓ ଐତିହାସିକ ଡ. ହରିଶ ଚନ୍ଦ୍ର ପୃଷ୍ଟି କୁହନ୍ତି, କେନ୍ଦ୍ରାପଡ଼ାର ନୌବାଣିଜ୍ୟ ପରମ୍ପରା ବହୁ ପୁରୁଣା । ଏହି ଜିଲାର ଲୋକ ସମୁଦ୍ରତଟରୁ ବିଦେଶକୁ ଯାଇ ଫେରିବା ସମୟରେ ଆଣ୍ଡାମାନ ଦ୍ୱୀପରୁ ରାଜାବାବାଙ୍କୁ ଉଦ୍ଧାର କରିଥିଲେ । ଏଥିପାଇଁ କେନ୍ଦ୍ରାପଡ଼ାର ତତ୍କାଳୀନ ଜମିଦାର ରାଧାଶ୍ୟାମ ନରେନ୍ଦ୍ର ବହୁ ସହଯୋଗ କରିଥିଲେ। ବିନୋଦବିହାରୀ ମନ୍ଦିର ପରିସରରେ ରାଜାବାବାଙ୍କୁ ଥଇଥାନ କରିବା ପାଇଁ ଜମିଦାର ରାଧାଶ୍ୟାମ ବ୍ୟବସ୍ଥା କରିଥିଲେ। ଏହି ସମାଧିପୀଠରେ ଓ ସୁଡ଼ଙ୍ଗର ଅବସ୍ଥା ଏବେ ଶୋଚନୀୟ ହୋଇଯାଇଛି। ଏଥିଯୋଗୁ ଏହାର ପୁନରୁଦ୍ଧାର ହେବା ଆବଶ୍ୟକ ବୋଲି ପୃଷ୍ଟି ମତବ୍ୟକ୍ତ କରିଛନ୍ତି।

ରାଜାବାବା ସମାଧିପୀଠ ସମ୍ପର୍କରେ ପୂଜକ ନାରାୟଣ ଶତପଥୀ କୁହନ୍ତି, ପ୍ରତ୍ୟହ ଏଠାରେ ପୂଜାର୍ଚ୍ଚନା ହୋଇଥାଏ। ସନ୍ଧ୍ୟାରେ ଅନୁଷ୍ଠିତ ଦୀପଦାନ ଓ ସନ୍ଧ୍ୟାଆଳତି ସମୟରେ ବହୁ ଶ୍ରଦ୍ଧାଳୁ ଏଠାରେ ଉପସ୍ଥିତ ରହିଥାନ୍ତି। ଏହି ଅବହେଳିତ ପୀଠର ପୁନରୁଦ୍ଧାର ପାଇଁ ଶିକ୍ଷାବିତ୍ ଅଜୟ କୁମାର ସାମଲ, ନନ୍ଦକିଶୋର ପରିଡ଼ା, ଅଧ୍ୟାପକ ଅଜୟ କୁମାର ରାଉତ ଓ ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା ପ୍ରମୁଖ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ନିଗମାନନ୍ଦ ଉଚ୍ଚ ବିଦ୍ୟାପୀଠରେ ସମ୍ବର୍ଦ୍ଧନା ଉତ୍ସବ

**ରାଜନଗର, ୧୯ (ଡି.ଏନ୍.ଏ.)**

ରାଜନଗର ବ୍ଲକ ନାଉକୋଣାସ୍ଥିତ ନିଗମାନନ୍ଦ ଉଚ୍ଚ ବିଦ୍ୟାପୀଠରେ ରବିବାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୯୮୬ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଶିକ୍ଷାବିତ କ୍ଷୀରୋଦ କୁମାର ମଲ୍ଲିକ ସଭାପତିତ୍ୱ କରିଥିଲେ। ଉତ୍ସବରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଡା. କେଲୁଚରଣ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ମେଘଶ୍ୟାମ ନାୟକ, ଭୀମସେନ ରାଉତ, ମାନସ କୁମାର ପରିଡା, ଅର୍ଜ୍ଜୁନ ଚରଣ ସ୍ୱାଇଁ, ରବୀନ୍ଦ୍ର କୁମାର ଜେନା, କରୁଣାକର ନାୟକଙ୍କୁ ମୁଖ୍ୟଅତିଥି ସ୍ୱାଇଁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନଖିତ କରିଥିଲେ। ପୁରାତନ ଛାତ୍ର ସଂସଦ ଆବାହକ ସୁନାକର ମଲ୍ଲିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୁରାତନ ଛାତ୍ର ପ୍ରମୋଦ କୁମାର ଦାସ, ଅଞ୍ଜନ କୁମାର ପଢ଼ିହାରୀ, ପଞ୍ଚାନନ ରାଉତ, ପ୍ରଭାକର ମଲ୍ଲିକ, ସୁବାସ ଚନ୍ଦ୍ର ରାଉତ, ବ୍ରହ୍ମାନନ୍ଦ ପରିଡ଼ା, ଅଜୟ କୁମାର ସ୍ୱାଇଁ, ଉମେଶ ଚନ୍ଦ୍ର ବେହେରା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨/୨୦୧୯ Bhubaneswar, Monday, September 2/ 2019

## ସଂକ୍ଷେପରେ

### ଟ୍ରଲର ସଜାଡିବାକୁ ଯାଇ ମତ୍ସ୍ୟଜୀବୀ ମୃତ

**ପାରାଦୀପ,୧।୯(ସ୍ୱ.ପ୍ର.):** ପାରାଦୀପ ମାଛଧରା ବନ୍ଦର ପରିସରରେ ରବିବାର ସନ୍ଧ୍ୟାରେ ଏକ ଟ୍ରଲର ମରାମତି କରିବାକୁ ଯାଇ ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମଣ୍ଟୁ ମଲ୍ଲିକ। ସକାଳେ ପାଣିରେ ବୁଡି ଥରେ ଯାଇ ଟ୍ରଲର ପଙ୍ଖା ଦେଖି ଫେରିଥିଲେ। ଦ୍ୱିତୀୟ ଥର ବୁଡ଼ିବା ପରେ ସେ ଆଉ ଉଠିପାରି ନ ଥିଲେ। ଦୀର୍ଘ ସମୟ ଧରି ଖୋଜାଖୋଜି ପରେ ତାଙ୍କ ମୃତଦେହ ମିଳିଥିଲା। ମେରାଇନ ପୋଲିସ ମୃତଦେହ ଜବତ କରିଛି। ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

### ଓମଫେଡ୍ ଷ୍ଟଲରୁ ଚୋରି

**ଜଗତ୍‌ସିଂହପୁର ଅଫିସ,୧।୯:** ଶନିବାର ରାତିରେ ସ୍ଥାନୀୟ ବଙ୍ଗଳା ଛକ ନିକଟ ଓମଫେଡ୍ ଷ୍ଟଲରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। କେହି ଦୁର୍ବୃତ୍ତ ସ୍କାଏଲାଇଟ୍ ଭାଙ୍ଗି ଷ୍ଟଲ ଭିତରେ ପଶି ଡବାରେ ଥିବା ୫ ଓ ୧୦ ଟଙ୍କିଆ ମିଶାଇ ପ୍ରାୟ ୧୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। କିନ୍ତୁ ୧ ଟଙ୍କିଆ ଓ ୨ ଟଙ୍କିଆ ମୁଦ୍ରା ନ ନେଇ ଛାଡି ଯାଇଛନ୍ତି। ଷ୍ଟଲ ପକ୍ଷରୁ ସ୍ଥାନୀୟ ପୁରୋହିତପୁରର ଶରତ ଚନ୍ଦ୍ର ଦାସଙ୍କ ଅଭିଯୋଗକ୍ରମେ ଏନେଇ ଜଗତ୍‌ସିଂହପୁର ଥାନାରେ ମାମଲା ସଂଖ୍ୟା ୨୮୬/୧୯ ରୁଜୁ ହୋଇଛି। ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ପାଲ କହିଛନ୍ତି ଯେ, ଚୋର ସମ୍ପର୍କରେ ଜାଣିବା ପାଇଁ ସନ୍ଧାନୀ କୁକୁରର ସହାୟତା ନିଆଯାଇଥିଲା। କୁକୁର ହାଟ ବଜାର ଆଦିବାସୀ ବସ୍ତିରେ ପହଞ୍ଚିଥିଲେ ସୁଦ୍ଧା ଠିକ ସୂଚନା ମିଳିପାରିନାହିଁ। ଅଧିକ ତଦନ୍ତ ପରେ କିଛି ଜଣାପଡିବ।

### ପରିବେଶ ସମ୍ପର୍କିତ ଆଲୋଚନାଚକ୍ର

**ବାଲିକୁଦା,୧।୯(ସ୍ୱ.ପ୍ର.):** ବାଲିକୁଦାସ୍ଥିତ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ଆସନ ମନ୍ଦିର ପରିସରରେ ରବିବାର ପରିବେଶ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ତିର୍ତ୍ତୋଲ ବ୍ଲକ ଶିଶୁ ଅନନ୍ତ ଆଶ୍ରମର ସ୍ୱାମୀ ଚିଦାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସନ୍ତୁଳନ ନିମନ୍ତେ ବିଭିନ୍ନ ପଦକ୍ଷେପ ନେବାକୁ କହିଥିଲେ। ପୁରୀ ନୀଳାଚଳ ସାରସ୍ୱତ ସଂଘର ବାଲିକୁଦା ଶାଖା ପକ୍ଷରୁ 'ପରିବେଶ ଦ୍ୱାରା ଆଧାତ୍ମିକ ଶକ୍ତିର ବିକାଶ' ଶୀର୍ଷକ ବିଷୟ ଉପରେ ଆଲୋଚନା କରାଯାଇଥିଲା। ସଂଘର ସଭାପତି ଗଗନେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ମହେନ୍ଦ୍ର ଆଚାର୍ଯ୍ୟ, ବାଲିକୁଦା ପୂଜ୍ୟପୂଜା ସଂସଦ ସଭାପତି କୈଳାସ ବିଶ୍ୱାଳ, ଶିକ୍ଷାବିତ୍ ନିରଞ୍ଜନ ପଣ୍ଡା, ବାଲିକୁଦା ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ଦେବଦତ୍ତ ଉପାଧ୍ୟାୟ, ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି, ଆଇନଜୀବୀ ବୀରନାରାୟଣ ପାତ୍ର, ତରୁଣ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଆଧାତ୍ମିକ ଓ ଶୈକ୍ଷିକ ପରିବେଶ ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ର ସେବକ ସଂଘ ସଭାପତି ସୁଧିର ଲେଙ୍କା, ଆବାହକ କମିଟି ସଭାପତି କଳ୍ପତରୁ ସେନାପତି, ଅମରନାଥ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଶାଖା ସଂଘ ସମ୍ପାଦକ କାହ୍ନୁ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

### ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**ବାଲିକୁଦା,୧।୯(ସ୍ୱ.ପ୍ର.):** ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୋରିକିନା ଶାଖାର ମାସିକ ବୈଠକ ତିତିରା ପଞ୍ଚାୟତ ବେଗୁନିଆସ୍ଥିତ ସିଦ୍ଧ ବାନାମ୍ବରଙ୍କ ପୀଠରେ ଅନୁଷ୍ଠିତ ହୋଇଛି। ଜୀବନକୁ ସୁଖମୟ କରିବା ପାଇଁ ଆଧାତ୍ମିକ ଆଲୋଚନା ଓ ଈଶ୍ୱର ଭକ୍ତି ଏକାନ୍ତ ଆବଶ୍ୟକ ବୋଲି ଏଥିରେ ପଣ୍ଡିତ ହୃଷିକେଶ ଶତପଥୀ କହିଥିଲେ। ସଂଘର ସଭାପତି ବଂଶୀଧର ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଥମେ ବରିଷ୍ଠ ସଦସ୍ୟ ଗୌରାଙ୍ଗ ଚରଣ ବାରିକଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସମ୍ପାଦକ ବିଷ୍ଣୁ ଚରଣ ସ୍ୱାଇଁ ବିବରଣୀ ପାଠ କରିଥିଲେ। ଡାକ୍ତର ସେବାରାଣୀ ମହାପାତ୍ର, ରେଖା ଦେବୀ, କୈଳାସ ଚନ୍ଦ୍ର ସାହୁ ନୂତନ ସଦସ୍ୟ ଭାବେ ସାମିଲ ହୋଇଥିଲେ। ନିତ୍ୟାନନ୍ଦ ପରିଡା ବୈଠକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ।

## ■ ତୁତୁନି ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବିବାଦ

# ସମାଧାନ ପରିବର୍ତ୍ତେ ବ୍ୟକ୍ତିଗତ ସ୍ୱାର୍ଥକୁ ଗୁରୁତ୍ୱ

■ ବନ୍ଦ ହେବାକୁ ବସିଛି କଳିଙ୍ଗନଗର କାରଖାନା
■ ସଙ୍କଟରେ ଶ୍ରମିକ, ଟ୍ରକ ମାଲିକ, ବ୍ୟବସାୟୀଙ୍କ ଜୀବିକା

ଯାଜପୁର ଅଫିସ/ସୁକିନ୍ଦା (ଡି.ଏନ.ଏ.), ୧।୯

ଦୁର୍ନୀତିର ଚେର ଓପାଡି ସ୍ୱଚ୍ଛ ଓ ପାରଦର୍ଶୀ ପ୍ରଶାସନ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତାରେ ହେଉଥିବା ଅନିୟମିତତା ଓ ଦୁର୍ନୀତିର ତଦନ୍ତ ତଥା କାର୍ଯ୍ୟାନୁଷ୍ଠାନ ପାଇଁ ୫-ଟି ଆଇନ କାର୍ଯ୍ୟକାରୀ ହେଉଛି। ହେଲେ କାଳିଆପାଣି ଖଣି ଅଞ୍ଚଳରେ ହାଇକୋର୍ଟଙ୍କ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ପାରିବା ଜିଲା ପ୍ରଶାସନର ପାରିବାପଣିଆ ଓ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖଣି ଖାଦାନରେ ଟ୍ରକ୍ ଓ ଶ୍ରମିକ ନିୟୋଜନରେ ମାସକୁ ପ୍ରାୟ ୮କୋଟି ଟଙ୍କା ବେଆଇନ ଭାବେ ଚାନ୍ଦା ଆଦାୟ କରୁଥିବା କିଛି ବ୍ୟକ୍ତି ଓ ରାଜନେତାଙ୍କ ସ୍ୱାର୍ଥ ପାଇଁ ପ୍ରଶାସନିକ ପଦକ୍ଷେପ ପ୍ରଭାବୀ ହୋଇପାରୁ ନାହିଁ। ଫଳରେ ଗତ ୨ସପ୍ତାହ ହେଲା କ୍ରୋମ ଉତ୍ତୋଳନ ବନ୍ଦ ରହିଥିବାରୁ କଳିଙ୍ଗନଗର ଶିଳ୍ପାଞ୍ଚଳର ଗୋଟିଏ ପରେ ଗୋଟିଏ କାରଖାନା କଞ୍ଚାମାଲ ଅଭାବରୁ ବନ୍ଦ ହେବାକୁ ଯାଉଛି। ଶାସକ ଦଳ ନେତାଙ୍କ ନୀରବତା ଓ ନିଆଁରେ ଘିଅ ଢାଳିବା ଭଳି କାର୍ଯ୍ୟ ସେମାନଙ୍କ ଅସଲ ମୁଖାକୁ ପଦାରେ ପକାଇଛି । ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସାମୁହିକ ସମସ୍ୟାର ସମାଧାନ କରିବାକୁ ରାଜନୈତିକ ନେତାମାନେ ପଛଘୁଞ୍ଚା ଦେଉଥିବା ଦେଖିବାକୁ ମିଳୁଛି।

ଯାଜପୁର ଜିଲା ସୁକିନ୍ଦା ଖଣି ଉପତ୍ୟକାରେ ଥିବା ସମସ୍ତ ଖଣିରେ ଫାଷ୍ଟ କମ୍ ଫାଷ୍ଟ ଲୋଡ ଆଇନ ଯୋଗୁ ଅଚଳାବସ୍ଥା ଲାଗି ରହିଛି। ଶନିବାର କାଳିଆପାଣି ଗେଷ୍ଟହାଉସରେ ଟ୍ରକ ମାଲିକ ସଂଘ ଓ ପ୍ରଶାସନ ମଧ୍ୟରେ ଅନୁଷ୍ଠିତ ସମାଧାନ ବୈଠକ ମଧ୍ୟ ବିଫଳ ହୋଇଛି । ଏଥିଯୋଗୁ ଖଣି ଉପରେ ନିର୍ଭର କରୁଥିବା ଟ୍ରକ ମାଲିକ, ଶ୍ରମିକ, ବ୍ୟବସାୟୀ, ଶିଳ୍ପପତିଙ୍କ ମଧ୍ୟରେ ଗଭୀର ପ୍ରଭାବ ଦେଖିବାକୁ ମିଳିଛି । ବିଶେଷ କରି ଗରିବ ବ୍ୟବସାୟୀ ଓ ଶ୍ରମିକଙ୍କ ଜୀବନଜୀବିକା ପ୍ରଭାବିତ ହୋଇଛି। କୁହିକା ଟ୍ରକ ମାଲିକ ସଂଘ ଏବଂ ମିନେରାଲସ୍ ଟ୍ରକ ମାଲିକ ସଂଘ ମଧ୍ୟରେ ଉପୁଜିଥିବା ରାଜନୈତିକ ବିବାଦ ଯୋଗୁ କ୍ରୋମ ପରିବହନ ଠପ୍ ହୋଇପଡିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ସହଯୋଗ କରିବା ବଦଳରେ କେଉଁ ପରିସ୍ଥିତିରେ ଜନୈକ ବିଧାୟକ ତାକୁ ବିରୋଧ କରୁଛନ୍ତି ତାହା ବୁଦ୍ଧିଜୀବୀଙ୍କୁ ବିସ୍ମିତ କରିଛି । ଏହି ଜଟିଳ ସମସ୍ୟାର ସମାଧାନ ପାଇଁ ଆସନ୍ତା ୪ ତାରିଖରେ ପୁଣି ଏକ ବୈଠକ କରିବାକୁ ଖଣି ବିଭାଗ ନିଷ୍ପତ୍ତି ନେଇଛି। ଅଞ୍ଚଳର ସାମୂହିକ ବିକାଶ ସମେତ ଶ୍ରମିକ, ବ୍ୟବସାୟୀ ପ୍ରମୁଖଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଆଇନ ଅନୁସାରେ ପଦକ୍ଷେପ ନେଲେ ଏହି ଜଟିଳ ସମସ୍ୟାର ସମଧାନ ରହିଛି ବୋଲି ମତପ୍ରକାଶ ପାଉଛି। ଖଣି ଅଞ୍ଚଳରେ ଫାଷ୍ଟ କମ୍ ଫାଷ୍ଟ ଲୋଡ ବିବାଦ ଉପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ପରିବର୍ତ୍ତେ କୋଟି କୋଟି ଟଙ୍କା ଆଦାୟ, ବ୍ୟକ୍ତିଗତ ବିଳାସ ଓ ଆରାମ ପ୍ରତି ରାଜନେତା ତଥା ପ୍ରଭାବଶାଳୀ ବ୍ୟକ୍ତି ଧ୍ୟାନ ଦେବା ଶିଳ୍ପାୟନ ପ୍ରତି ପ୍ରତିକୂଳ ମତର ମୁଖ୍ୟ କାରଣ ହୋଇଛି। ଦ୍ରୁତ ଶିଳ୍ପାୟନ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ସହ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ରାଜ୍ୟ ସରକାରଙ୍କ ଦାବି ରାଜନୈତିକ ବିବାଦରୁ ଫସର ଫାଟୁଛି। ଏ ସଂକ୍ରାନ୍ତରେ ଜିଲାପାଳ ରଞ୍ଜନ କୁମାର ଦାସ କହିଛନ୍ତି, କଞ୍ଚାମାଲ ଅଭାବରୁ କଳିଙ୍ଗନଗରର ଅଧିକାଂଶ କାରଖାନା ତାଲା ପଡିବା ଅପେକ୍ଷାରେ ରହିଛି। ଏଥିଯୋଗୁ ପ୍ରଶାସନ ପକ୍ଷରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ସବୁପ୍ରକାର ପ୍ରଚେଷ୍ଟା ଜାରି ରହିଛି।

## ମତଦାତା ଯାଞ୍ଚ କାର୍ଯ୍ୟକ୍ରମ ଆରମ୍ଭ

**ବାଲିକୁଦା,୧।୯(ସ୍ୱ.ପ୍ର.):** ବାଲିକୁଦା ବ୍ଲକର ୧୬୮ ବୁଥ୍‌ରେ ରବିବାର ଭୋଟରଙ୍କ ପାଇଁ ଇଭିପି (ଇଲେକ୍ଟୋର୍ସ ଭେରିଫିକେଶନ ପ୍ରୋଗ୍ରାମ) ବା ମତଦାତା ଯାଞ୍ଚ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୧ ମାସ ଧରି ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ବାଲିକୁଦା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲୋପାମୁଦ୍ରା ସାହୁ କହିଛନ୍ତି। ବ୍ଲକ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ମତେ ବୁଥ ଲେବୁଲ ଅଫିସର(ବିଏଲଓ)ମାନେ ନିଜ ନିଜ ବୁଥରେ ରହି ଭୋଟରଙ୍କୁ ସଚେତନ କରାଇବା ସହିତ ସେମାନଙ୍କଠାରୁ ଆବଶ୍ୟକ କାଗଜପତ୍ର ଗ୍ରହଣ କରିଥିଲେ। ଭୋଟରମାନେ ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସ, ପାର୍ସପୋର୍ଟ, ଆଧାର କାର୍ଡ, ପାନ କାର୍ଡ, ରାଶନ କାର୍ଡ ଆଦି ଦେଖାଇବା ସହ ଭୋଟର ତାଲିକା ଯାଞ୍ଚ ନିମନ୍ତେ ନିର୍ଦ୍ଧାରିତ ୱେବସାଇଟ୍‌ରେ ଲଗଇନ କରି ଦେଖିବାକୁ ପରାମର୍ଶ ଦିଆଯାଇଥିଲା। ନାମ ପଞ୍ଜୀକରଣ ନିମନ୍ତେ ଭୋଟର ହେଲ୍ପ ଲାଇନ ନମ୍ବର ୧୯୫୦କୁ ଡାଏଲ କରିବାକୁ ମଧ୍ୟ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଜିପିଇଓଙ୍କ ସମେତ ବିଡିଓ କଲ୍ୟାଣୀ ପଟ୍ଟନାୟକ, ଏବିଡିଓ ଅଜୟ ବେହେରା, ମଙ୍ଗଳ ଅଧିକାରୀ ପ୍ରମୋଦ ବିଶ୍ୱାଳ, ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସଙ୍କ ସମେତ ସେକ୍ଟର ସୁପରଭାଇଜର ସାମିଲ ହୋଇଥିଲେ। ଯେଉଁମାନଙ୍କୁ ଆସନ୍ତା ୨୦୨୦ ଫେବୃୟାରୀ ୧ ସୁଦ୍ଧା ୧୮ ବର୍ଷ ହେଉଥିବ ସେମାନେ ଫର୍ମ-୬ରେ ବିଏଲଙ୍କ ନିକଟରେ ନିଜ ପ୍ରମାଣପତ୍ର ଦାଖଲ କରି କିମ୍ବା ଅନଲାଇନ ଜରିଆରେ ନାମ ପଞ୍ଜୀକରଣ କରିବାକୁ ଆହ୍ୱାନ ଦିଆଯାଇଥିଲା।

## ମହାନଦୀରେ ଭାସି ଯୁବକ ନିଖୋଜ

**କଟକ ସଦର, ୧।୯ (ଡି.ଏନ୍.ଏ.):** କିଶୋରନଗର ଥାନା ମହାନଦୀର କାଳିକାପୁର ଘାଟରେ ରବିବାର ସକାଳେ ଶ୍ରୀଧର ନାଥ(୨୪) ଗାଧୋଉଥିବାବେଳେ ପାଣିରେ ଭାସିଯାଇଛନ୍ତି। ଖବରପାଇ ପୋଲିସ ଓ ସାଲେପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ଦିନତମାମ ଖୋଜାଖୋଜି କରିଥିଲେ ମଧ୍ୟ ଶ୍ରୀଧରଙ୍କ ପତ୍ତା ପାଇନାହାନ୍ତି। କେନ୍ଦ୍ରାପଡା ଜିଲା ଚାନ୍ଦୋଳ ଅଞ୍ଚଳର ଶ୍ରୀଧର ଏଠାରେ ବାଉଁଶ କଟାଳି ଭାବେ କାମ କରୁଥିଲେ। ସକାଳେ ସେ ଅନ୍ୟସାଥୀଙ୍କ ସହ ନଦୀକୁ ଯାଇଥିଲେ। ଅସାବଧାନତା ବଶତଃ ଗୋଡ ଖସିଯିବାରୁ ସେ ପାଣିସ୍ରୋତରେ ଭାସିଯାଇଥିଲେ।

## ରାହାମାରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ଦାବି



ବୈଠକରେ ଉପସ୍ଥିତ ପଞ୍ଚାୟତବାସୀ।

**ରାହାମା,୧।୯(ଡି.ଏନ୍.ଏ.):** ପାରାଦୀପ ନିର୍ବାଚନମଣ୍ଡଳୀ ତଥା କୁଜଙ୍ଗ ବ୍ଲକ ଅଧୀନ ରାହାମାଠାରେ ଏକ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ ପାଇଁ ଦାବି ହୋଇଛି। ସ୍ଥାନୀୟ ତାଳପଡ଼ା, ସାଇଲୋ, ପଣ୍ଡୁଆ, ଗୋରଡ଼, ବଣିତୋ, ପୋତାନଈ, ଗରେଇ, କାଠକୋଟ, ହଂସୁରା, ବାଲିକଣି ଆଦି ବିଭିନ୍ନ ପଞ୍ଚାୟତର ଜନସାଧାରଣ ରବିବାର ଏନେଇ ସ୍ଥାନୀୟ ପ୍ରତାପ ଚନ୍ଦ୍ର ସ୍ମାରକୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକତ୍ରିତ ହୋଇ ନିଜ ଦାବି ଉପସ୍ଥାପନ କରିଛନ୍ତି। ପୂର୍ବତନ ଜିଲା ପରିଷଦ ସଭ୍ୟ ଅଜୟ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରତାପ ଚନ୍ଦ୍ର ମହାନ୍ତି, ନୃସିଂହ ଚରଣ ବାରିକ, ସରୋଜ ନାୟକ, ଶ୍ରୀକାନ୍ତ ଦାସ, ସରସ୍ୱତୀ ଦାସ, ପାର୍ବତୀ ଭୂୟାଁ, ରଘୁନାଥ ଦାସ, କାଠକୋଟ ସରପଞ୍ଚ ମିହିର ରଞ୍ଜନ ପଟ୍ଟନାୟକ, ଗରେଇ ସରପଞ୍ଚ ସଂଗ୍ରାମ ମନ୍ତ୍ରୀ, ରାକେଶ ରଞ୍ଜନ ଦାସ, ପଣ୍ଡୁଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋଜ ସାହୁ, ପ୍ରଭୁ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ଏଠାରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ ହେଲେ ଏରସମା, କୁଜଙ୍ଗ, ତିର୍ତ୍ତୋଲ ଓ ବାଲିକୁଦା ବ୍ଲକର ୭୦ ପଞ୍ଚାୟତର ଜନସାଧାରଣ ଉପକୃତ ହୋଇପାରିବେ ବୋଲି କହିଥିଲେ। ୧୯୯୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏଠାରେ ପ୍ରତାପ ଚନ୍ଦ୍ର ସ୍ମାରକୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଏକ ପାନୀୟଜଳ ପ୍ରକଳ୍ପ ପ୍ରତିଷ୍ଠା କରିଥିଲେ। ଫଳରେ ୧୯୯୯ ମହାବାତ୍ୟା ସମୟରେ ଏରସମା, ତିର୍ତ୍ତୋଲ ବ୍ଲକର ବିପନ୍ନ ଲୋକେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ତ୍ୱରିତ ଚିକିତ୍ସା ସେବା ପାଇପାରିଥିଲେ। ମଣିଜଙ୍ଗା, ପଙ୍କପାଳ, କୁଜଙ୍ଗ, ଏରସମାରେ ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ମଧ୍ୟ ଡାକ୍ତର ଅଭାବ ସମସ୍ୟା ଯୋଗୁ ସେଠାକାର ଲୋକେ ଅଧିକାଂଶ ସମୟ ରାହାମା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ସେହିପରି ଏଠାରେ ଏକ ସବ୍‌ଡିଭିଜନାଲ ହସ୍ପିଟାଲ କିମ୍ବା ୧୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ କରିବାକୁ ସ୍ୱର୍ଗତ ବିଜୁବାବୁ ପ୍ରତିଶ୍ରୁତି ଦେଇଥିଲେ। ଭିତ୍ତିଭୂମି ବିକାଶ ନିମନ୍ତେ ଡାକ୍ତରଖାନା ସଂଲଗ୍ନ ଜମି ଦିଆଯାଇଥିଲା। ସେହି ସ୍ଥାନକୁ ଅବରୋଧ ମୁକ୍ତ କରି ସେଠାରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ କରିବାକୁ ସମ୍ପୃକ୍ତ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ଅବସରରେ ଏକ କମିଟି ଗଠନ କରାଯାଇ ଜିଲାପାଳ, ବିଧାୟକ ଓ ଏମ୍‌ପିଙ୍କ ସମେତ ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇବାକୁ ସ୍ଥିର ହୋଇଥିଲା।

## ବେଳାଭୂମିରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ପାରାଦୀପ,୧।୯(ସ୍ୱ.ପ୍ର.):** ପାରାଦୀପ ସମୁଦ୍ର ବେଳାଭୂମିରୁ ରବିବାର ଜଣେ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅଧୀନ ସାନନୟନପୁର ପଞ୍ଚାୟତ ତେଣ୍ଡାକୁଡ଼ା ଗ୍ରାମର କୃଷ୍ଣଚନ୍ଦ୍ର ଦଲେଇଙ୍କ ସ୍ତ୍ରୀ ରମା(୭୫)। ଗତ ୩୦ ତାରିଖ ସନ୍ଧ୍ୟାରେ ସେ ଘରପାଖ ମହାନଦୀକୁ ଶୌଚ ଯାଇଥିବାବେଳେ ଆଉ ଫେରି ନ ଥିଲେ। ନଦୀରେ ଭାସି ଆସି ତାଙ୍କ ମୃତଦେହ ଷଣ୍ଢକୁଦ ନିକଟ ସମୁଦ୍ର ବେଳାଭୂମିରେ ଲାଗିଥିବା ପୋଲିସ କହିଛି। ଷଣ୍ଢକୁଦ ବସ୍ତିର ଚର୍ଚ୍ଚ ସୀମା ବେଳାଭୂମିରେ ସକାଳେ ମୃତଦେହ ପଡିଥିବା ଦେଖି କେତେକ ଲୋକ ଜଟାଧାର ମୁହାଣ ସାମୁଦ୍ରିକ ଥାନାକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ନଂ.୫/୧୯ ରୁଜୁ ହୋଇଛି। ସୂଚନାଯୋଗ୍ୟ, ଶନିବାର ବେଳାଭୂମିର ହନୁମାନ ମନ୍ଦିର ସୀମାରୁ ଜଣେ ବିଦେଶୀ ନାଗରିକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ୨୪ ଘଣ୍ଟା ମଧ୍ୟରେ ମାତ୍ର ୫୦୦ ମିଟର ବ୍ୟବଧାନରୁ ୨ଟି ମୃତଦେହ ଉଦ୍ଧାର ହେବା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

## ଔଷଧ ଦୋକାନରୁ ଚୋରି

**ବାଲିଆ,୧।୯:** ବିରିଡ଼ି ଛକଠାରେ ଥିବା ଅଷ୍ଟଶମ୍ଭୁ ଔଷଧ ଦୋକାନରୁ କିଛି ଟଙ୍କା ଓ ଔଷଧ ଚୋରି ହୋଇଯାଇଥିବା ସମ୍ପୃକ୍ତ ଦୋକାନର ମାଲିକ ନଗେନ କୁମାର ବେହେରା ବିରିଡି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଦୋକାନ ଘର ସ୍କାଇଲାଇଟ ଭାଙ୍ଗି କେହି ଦୁର୍ବୃତ୍ତ ଏଭଳି କରିଛନ୍ତି। ସେହିପରି କିଛିଦିନ ପୂର୍ବେ ବିରିଡ଼ି ହାଟରେ ଅନୁରଞ୍ଜନ ସ୍ୱାଇଁଙ୍କ ଅଟୋରୁ ବ୍ୟାଟେରି ଚୋରି ହୋଇଯାଇଥିଲା।

## ଆଷାଢ଼ ସାହିତ୍ୟ ସଂସଦର ବର୍ଷା ମିଳନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା।

ବିରିଡ଼ି,୧।୯(ଡି.ଏନ.ଏ.)

ଓଡ଼ିଆ ସାହିତ୍ୟରେ ବର୍ଷାକୁ ନେଇ ଅନେକ ରଚନା ସୃଷ୍ଟି ହୋଇଛି। ବର୍ଷା ପ୍ରେମ ଓ ମିଳନର ଋତୁ। ତେଣୁ ପୁରାଣ ଯୁଗରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ବର୍ଷା ସର୍ବଦା କବି ପ୍ରାଣକୁ ଶିହରୀତ କରିଆସିଛି ବୋଲି ବିରିଡ଼ି ବ୍ଲକ ଦଳେଇଘାଇସ୍ଥିତ ଆଷାଢ ସାହିତ୍ୟ ସଂସଦର ବର୍ଷା ବିଳନ ଉତ୍ସବରେ ମତପ୍ରକାଶ ପାଇଛି। ଉତ୍ସବ କମିଟି ଅଧକ୍ଷ ନୀଳମଣି ସାହୁଙ୍କ ପୌରୋହିତ୍ୟରେ ହାଜିପୁର ଜେନେସିସ ଆଇଟିଆଇ ପରିସରରେ ରବିବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ପତ୍ରିକା ଉନ୍ମୋଚନ ଓ ସମ୍ବର୍ଦ୍ଧନା ସଭା କରାଯାଇଥିଲା। ଧାନକୁଦ ପୀଠାଧିଶ ବାବା ଅରକ୍ଷିତ ଦାସ ମହାରାଜ ଉତ୍ସବ ଉଦ୍‌ଘାଟନ କରିଥିଲେ। ସଂସଦର ସଭାପତି କବି ପୀତାମ୍ବର ମହାପାତ୍ର ସ୍ୱାଗତ ଭାଷଣ ଓ ସମ୍ପାଦକ କବି ଖଗେଶ୍ୱର ମହାରଣା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଡ. ନିରୁପମା ମିଶ୍ର ମୁଖ୍ୟଅତିଥି, ସଞ୍ଜୟ କୁମାର ପଣ୍ଡା ମୁଖ୍ୟବକ୍ତା, ଓଡ଼ିଆ ଜଗନ୍ନାଥ ସଂସ୍କୃତିର କଥା ପ୍ରଚାରକ ବାବା ଦିବାକର ଦାସ ମହାରାଜ, ତୋଫାନ କୁମାର ଜେନା, ଗୀତିକବି ବାମଦେବ ସ୍ୱାଇଁ, କବି ଚୈତନ୍ୟ ପ୍ରସାଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୭୦ରୁ ଉର୍ଦ୍ଧ୍ୱ କବୟିତ୍ରୀ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ମଞ୍ଜୁଳା ସାହୁ ଓ କବି ରଶ୍ମୀକାନ୍ତ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂସଦର 'ବର୍ଷା ସଙ୍କଳନ' ପତ୍ରିକା ଅତିଥି ଉନ୍ମୋଚନ କରିଥିଲେ। ସଂସଦ ପକ୍ଷରୁ ଆଷାଢ ସମ୍ମାନରେ ଡ. ନିରୁପମା ମିଶ୍ର ଓ ବର୍ଷା ସମ୍ମାନରେ କବୟିତ୍ରୀ ମହାସ୍ମିତା ଓଝାଙ୍କୁ ସମ୍ମାନିତ କରାଯାଇଲା। ସେହିପରି ଅନ୍ୟ ୧୫ ଜଣଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମନୋରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

## ଲୁଟ୍ ଘଟଣା: ୩ ଅଭିଯୁକ୍ତ ଗିରଫ

**କଟକ ସଦର, ୧।୯ (ଡି.ଏନ୍.ଏ.):** କିଶୋରନଗର ଥାନା ସୋମପୁର ନିକଟସ୍ଥ ବାରହାପାଟରୁ ଜଣେ ଏଜେଣ୍ଟଙ୍କଠାରୁ ଟଙ୍କା ଲୁଟ୍ ଘଟଣାରେ ପୋଲିସ ୩ ଜଣଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଚାଷୀଖଣ୍ଡ ଗ୍ରାମର ଗାଡ଼ି ଡ୍ରାଇଭର ପ୍ରଶାନ୍ତ ଭୋଇ, ସେକ୍ ସଲିମ ଓ ସେକ୍ ବଫାୟତୁଲା। ବିସ୍କୁଟ ଓ ସୋରିଶତେଲ ହୋଲ୍‌ସେଲର ବିରିଡି ଅଞ୍ଚଳର ସନ୍ତୋଷ କୁମାର ମିଶ୍ର କିଶୋରନଗର ଅଞ୍ଚଳରେ ଖୁଚୁରା ବ୍ୟବସାୟୀଙ୍କୁ ଜିନିଷ ଯୋଗାଇଥାନ୍ତି। ଗତ ୨୯ ତାରିଖ ରାତିରେ ଏକ ଗାଡିରେ ସନ୍ତୋଷଙ୍କ ଏଜେଣ୍ଟ ଓ ଗାଡି ଚାଳକ ପ୍ରଶାନ୍ତ ଖୁଚୁରା ବ୍ୟବସାୟୀଙ୍କଠାରୁ ଟଙ୍କା ଆଦାୟ କରି ବିରିଡି ଫେରୁଥିଲେ। ବାରହାପାଟର ଏକ ପୋଲ ନିକଟରେ ପରିସ୍ରା କରିବା ବାହାନାରେ ପ୍ରଶାନ୍ତ ଗାଡି ଅଟକାଇ ଥିଲେ। ପୂର୍ବ ଯୋଜନା ମୁତାବକ ସଲିମ ଓ ବଫାୟତୁଲା ଏକ ବାଇକରେ ସେଠାରେ ପହଞ୍ଚି ଲୁହାରଡରେ ଗାଡିକୁ ଭାଙ୍ଗିଥିଲେ। ପରେ ସମ୍ପୃକ୍ତ ଏଜେଣ୍ଟଙ୍କୁ ଛୁରି ଦେଖାଇ ଟଙ୍କାବ୍ୟାଗ ନେଇ ପଳାଇଯାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ଥାନାରେ ଏକ ମାମଲା(ନଂ.୯୫/୧୯) ରୁଜୁ ହୋଇଥିଲା। ଏହି ଘଟଣାରେ ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଟଙ୍କା, ବାଇକ୍, ଛୁରି ଓ ଲୁହାରଡ ଜବତ କରିଥିଲା। ଏହି ଲୁଟ୍‌ର ବ୍ଲୁ ପ୍ରିଣ୍ଟ ଡ୍ରାଇଭର ପ୍ରଶାନ୍ତଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ବୋଲି ଥାନାଧିକାରୀ ବାମଦେବ ସ୍ୱାଇଁ କହିଛନ୍ତି।

## ■ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ଅନିୟମିତତା

# ବୟସ ବଢ଼ାଇ ହାତେଇ ନେଉଛନ୍ତି ଭତ୍ତା

■ ଜିଲାପାଳଙ୍କୁ ଅଭିଯୋଗ, ବିଡିଓଙ୍କୁ ତଦନ୍ତ ନିର୍ଦ୍ଦେଶ
■ ଜନସେବା କେନ୍ଦ୍ରରେ କରାଯାଉଛି ଜାଲିଆତି

ତିର୍ତ୍ତୋଲ,୧।୯(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ସଅଁରା ପଞ୍ଚାୟତରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ବ୍ୟାପକ ଅନିୟମିତତା କରାଯାଉଥିବା ଶନିବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଜିଲାପାଳ ଅଭିଯୋଗ ପାଇବା ପରେ ଏହାର ତଦନ୍ତ ନିମନ୍ତେ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଅଭିଯୋଗ ଅନୁଯାୟୀ, ଏହି ପଞ୍ଚାୟତରେ ବହୁ ଯୋଗ୍ୟ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବାବେଳେ କେତେକ ଲୋକ ଚାଞ୍ଚକତା ପୂର୍ବକ ବୟସ ବଢାଇ ଭତ୍ତା ଟଙ୍କା ହାତେଇ ନେଉଛନ୍ତି। ସେହିପରି ଏହି ବ୍ଲକରୁ ଜିଲା କାର୍ଯ୍ୟାଳୟକୁ ବାର୍ଦ୍ଧକ୍ୟ ଭତ୍ତା ପାଇଁ କୌଣସି ଚିଠି ଯାଇନାହିଁ। ଅନ୍ୟ କୌଣସି ପଞ୍ଚାୟତକୁ ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁର ହୋଇ ନ ଥିବାବେଳେ ଏହି ପଞ୍ଚାୟତର ୬୪ ଜଣଙ୍କୁ ନୂତନ ଭତ୍ତା ପ୍ରଦାନ ନିମନ୍ତେ ମଞ୍ଜୁରୀ ମିଳିଛି। ଏହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏହି ପଞ୍ଚାୟତର ବହୁ ହିତାଧିକାରୀଙ୍କ ବୟସ ୬୦ ବର୍ଷରୁ ଅଧିକ ହୋଇଥିଲେ ମଧ୍ୟ ସେମାନେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରି ହତାଶ ହେଉଛନ୍ତି। ଅଥଚ ବୟସ ହୋଇନଥିବା ବହୁ ବ୍ୟକ୍ତି କିପରି ଏହା ହାତେଇ ନେଉଛନ୍ତି ତାହା ସମସ୍ତଙ୍କୁ ବିସ୍ମିତ କରିଛି। ଏକ ନିର୍ଦ୍ଦିଷ୍ଟ ଜନସେବା କେନ୍ଦ୍ରରେ ଭୋଟର ପରିଚୟପତ୍ର ଏବଂ ଆଧାର କାର୍ଡରେ ଥିବା ବୟସ ଆଫିଡେଭିଟ୍ ମାଧ୍ୟମରେ ସଂଶୋଧନ କରି ବଢାଇ ଦିଆଯାଉଛି। ଏହା ପଛରେ ଏକ ର୍‍ୟାକେଟ ରହିଛି। ଏହି ପଞ୍ଚାୟତ ୬ନଂ ୱାର୍ଡର ଜଣେ ବ୍ୟକ୍ତିଙ୍କ ବୟସ ୪୫ ହୋଇଥିବାବେଳେ ତାଙ୍କ ସ୍ତ୍ରୀଙ୍କ ବୟସ ୬୩ ବର୍ଷ ଦର୍ଶାଯାଇ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ଗତ ଜାନୁୟାରୀ ମାସରେ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ତାଙ୍କ ଭତ୍ତା ବନ୍ଦ କରିଦିଆଯାଇଥିଲା। ଚଳିତ ମାସରେ ତାଙ୍କୁ ପୁଣି କିପରି ଭତ୍ତା ପ୍ରଦାନ କରାଯାଇଛି ତାହା ବୁଝାପଡୁନି। ବ୍ଲକର ଅନ୍ୟ ପଞ୍ଚାୟତରେ ମଧ୍ୟ ଏଭଳି ହେଉଥିବା ସନ୍ଦେହ କରାଯାଉଛି। ଏହାର ଉପଯୁକ୍ତ ତଦନ୍ତ କରିବାକୁ ପଞ୍ଚାୟତର ବିଭୂତି ନାୟକ, ନିରଞ୍ଜନ ସ୍ୱାଇଁ, ସୁରେନ୍ଦ୍ର ସାହୁ, ସୋମନାଥ ମଲ୍ଲିକ, ପବିତ୍ର ପ୍ରଧାନ ପ୍ରମୁଖ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଜିଲାପାଳ ତିର୍ତ୍ତୋଲ ବିଡିଓ ରଞ୍ଜନ କୁମାର ପରିଡାଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ପରିଡାଙ୍କୁ ପଚାରିବାରୁ ସେ କହିଲେ ଯେ, ଜିଲାପାଳଙ୍କଠାରୁ ଅବଗତ ହେବା ପରେ ଆଧାର କାର୍ଡରେ ଥିବା ବୟସ ଆଧାରରେ ଭତ୍ତା ପ୍ରଦାନ ପାଇଁ ସୁପାରିଶ କରାଯାଇଛି। ଯଦି କେହି ଆଧାର କାର୍ଡରେ ବୟସ ଜାଲିଆତି କରିଥାନ୍ତି ଓ ଯେଉଁମାନେ ଏହା କରାଇଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଲେଖିକା ସଂସଦର କବିତା ଆସର



କବିତା ଆସର ଅବସରରେ ଡାକ୍ତର ସ୍ନେହଲତା ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ପାରାଦୀପ,୧।୯(ସ୍ୱ.ପ୍ର.):** ପାରାଦୀପ ନୂଆବଜାରରେ ଓଡ଼ିଶା ଲେଖିକା ସଂସଦ ପକ୍ଷରୁ ରବିବାର କବିତା ଆସର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଜିଲା ଆବାହିକା ହାରାମଣି ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଆସରରେ ବହୁ କବୟିତ୍ରୀ ଯୋଗଦେଇ କବିତା ପାଠ କରିଥିଲେ। ବନ୍ଦର ଚିକିତ୍ସାଳୟରୁ ଡାକ୍ତର ତଥା କବୟିତ୍ରୀ ସ୍ନେହଲତା ମହାନ୍ତିଙ୍କ ଅବସର ଓ ପାରାଦୀପ ଛାଡ଼ିବା ଅବସରରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗୀତା ଦାସ, ତୁଳସୀ ବରାଳ, ଗୋଲାପ ସାହୁ, ଭାରତୀ ପାଣି, ଭାଗ୍ୟଶ୍ରୀ ପ୍ରଧାନ ପ୍ରମୁଖ ସ୍ନେହଲତାଙ୍କ ସହ ୪୦ ବର୍ଷର ସମ୍ପର୍କ ଓ ସେବା ସମ୍ପର୍କରେ ଆଲୋଚନା କରିଥିଲେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଯାଜପୁର ରୋଡ୍‌ରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ଯାଜପୁର ରୋଡ,୧୯(ନି.ପ୍ର.)**

ଯାଜପୁର ରୋଡ ସହରରେ ଟ୍ରାଫିକ ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ରେଳବାଇ ଫାଟକ ଘଣ୍ଟାଘଣ୍ଟା ଧରି ପଡିରହୁଥିବାରୁ ଟ୍ରାଫିକ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଯାଜପୁର ରୋଡ ଚିକିତ୍ସାଳୟକୁ ଯାତାୟାତ ପାଇଁ ରେଳବାଇ ଫାଟକ ରାସ୍ତା ମୁଖ୍ୟ ରାସ୍ତା ହୋଇଥିବାରୁ ବହୁ ସମୟରେ ଆମ୍ବୁଲାନ୍ସ ଟ୍ରାଫିକ୍‌ରେ ଫସି ରହୁଛି। ରବିବାର ଏହି ପରିଭାବେ ଜଣେ ସଙ୍କଟାପନ୍ନ ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ଡାକ ବଙ୍ଗଳା ଛକ ନିକଟରେ ୧ଘଣ୍ଟା ଧରି ଫସି ରହିଥିଲା। ସ୍ଥାନୀୟ କିଛି ଲୋକେ ଟ୍ରାଫିକ୍ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରି ଆମ୍ବୁଲାନ୍ସକୁ ଛାଡିଥିଲା। ତେବେ ସହରରେ ଟ୍ରାଫିକ ପୋଲିସ ନ ଥିବାରୁ ଏପରି ସମସ୍ୟା ହେଉଥିବା କୁହାଯାଉଛି। ଟ୍ରାଫିକ୍ ପୋଷ୍ଟଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗି ଗଲାଣି । ୨୦୧୨ରେ ତତ୍କାଳୀନ ଯାଜପୁର ଏସ୍‌ପି ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରି ଘରୋଇ ବିଭାଗକୁ ପଠାଇଥିଲେ। ହେଲେ ଫାଇଲଟି ବିଭାଗ କାର୍ଯ୍ୟାଳୟରେ ଚାପି ହୋଇ ରହିଥିବା ଚର୍ଚ୍ଚ ହେଉଛି। ଯାଜପୁର ରୋଡ ଥାନାରେ ଆବଶ୍ୟକ ପୋଲିସ ନ ଥିବାରୁ ଟ୍ରାଫିକ ସମସ୍ୟା ଦୂର କରାଯାଇପାରୁ ନାହିଁ। ୨୦୧୭ରେ ଚୋରଦାଛକ, ବାଇପାସ ଛକ, ଗୋପବନ୍ଧୁ ଛକ ଓ ଦଳା ଛକଠାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଟ୍ରାଫିକ ସିଗନାଲ୍ କରାଯିବା ପାଇଁ ନିଷ୍ପତ୍ତି ଦିଗରେ ପଦକ୍ଷେପ ଗ୍ରହଣ କରାଯାଇ ପାରି ନାହିଁ। ହୋମଗାର୍ଡମାନେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଦାୟିତ୍ୱରେ ରହିଛନ୍ତି। ଅନ୍ୟପକ୍ଷରେ ବିଜୁ ପଟ୍ଟନାୟକ ମାର୍ଗଠାରୁ ଫାୟାର ଷ୍ଟେଶନ ରାସ୍ତାଟି ୧୨ବର୍ଷ ହେଲା ନିର୍ମାଣ ଚାଲିଛି । ଏହି ରାସ୍ତା ନିର୍ମାଣ ଶେଷ ପାଇଁ ଆହୁରି ୨ବର୍ଷ ଲାଗିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ କୁହୁଛନ୍ତି। କଳିଙ୍ଗନଗର ଶିଳ୍ପା ଅଞ୍ଚଳର ଭାରିଯାନଗୁଡିକ ସହର ମଧ୍ୟଦେଇ ଯାଉଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ସହରର ଦଳା ଛକ, ନହକା ଛକ, ଚୋରଦା ବାଇପାସ, ଚୋରଦା ଛକ, ଫାଏର ଷ୍ଟେସନ ଛକ, ଧବଳଗିରି ଛକ, ଡାକବଙ୍ଗଳା ଛକ, ବସଷ୍ଟାଣ୍ଡ, କୋର୍ଟ ଛକ ଓ ରେଳ ଷ୍ଟେଶନ ବଜାର ଏବଂ ଗୋପବନ୍ଧୁ ଛକ ପ୍ରଭୃତି ସ୍ଥାନରେ ଟ୍ରାଫିକ ସମସ୍ୟା ଦେଖା ଯାଉଛି । ଏ ସମ୍ପର୍କରେ ଯାଜପୁର ରୋଡ ଏସ୍‌ଡିପିଓ କେଦାରନାଥ ସାହୁଙ୍କୁ ପଚାରିବାରୁ, ଆସନ୍ତା ମାସରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା କରାଯାଇ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଏକ ଚିଠା ପ୍ରସ୍ତୁତ କରାଯିବ । ପ୍ରଥମେ କୋର୍ଟ ଛକ, ଚୋରଦା ଛକ, ଗୋପବନ୍ଧୁ ଛକ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଟ୍ରାଫିକ ସିଗନାଲ କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି।



ଟ୍ରାଫିକ୍ ସମସ୍ୟା ଯୋଗୁ ବହୁ ଗାଡି ଅଟକି ରହିଛି।

**ଟ୍ରଫିକରେ୍ ଏକ ଘଣ୍ଟା ଫସିରହିଲା ଆମ୍ବୁଲାନ୍ସ**

## ଟ୍ରକ୍ ପଛକୁ ପିଟିଲା ଟ୍ରକ୍, ଡ୍ରାଇଭର ଗୁରୁତର

**କୋରେଇ,୧୯(ସ୍ୱ.ପ୍ର.):** ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଥାନା ଅନ୍ତର୍ଗତ ମହିନ୍ଦ୍ରା ଶୋରୁମ ସମ୍ମୁଖରେ ରବିବାର ସକାଳେ ସଡ଼କ ଦୁର୍ଘଟଣା ଘଟିଛି। ଏକ ସାଇକେଲ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଟ୍ରକ୍ ପଛରେ ଟ୍ରକ୍ ପିଟି ହୋଇଛି। ଏଥିରେ ଜଣେ ଚାଳକ ଗୁରୁତର ହୋଇଛନ୍ତି। ଘଟଣାସ୍ଥଳେ ପୋଲିସ ଓ କୁଆଖିଆ ଦମକଳ ବାହିନୀ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରି ଯାଜପୁର ଚିକିତ୍ସାଳୟରେ ଭର୍ତ୍ତି କରିଛି। ପୋଲିସ ଟ୍ରକ ଓ ସାଇକେଲଟିକୁ ଜବତ କରିଛି । ଗୁରୁତର ଗାଡି ଚାଳକଙ୍କ ପରିଚୟ ମିଳିପାରି ନ ଥିବା ଜଣାପଡିଛି।ପ୍ରକାଶ ଯେ, ୧୬ ନମ୍ବର ଜାତୀୟ ରାଜପଥରେ (ଓଡି-୦୪-ଏଚ-୬୨୬୨) ଟ୍ରକ୍ ଯାଉଥିବା ବେଳେ ହଠାତ ଏକ ସାଇକେଲ ଆରେହୀ ଗାଡି ସମ୍ମୁଖକୁ ଆସି ଯାଇଥିଲେ। ସାଇକେଲ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଟ୍ରକ୍ ଡ୍ରାଇଭର ଗାଡିଟିକୁ ଡାହାଣକୁ କାଟି ଦେବାରୁ ଅନ୍ୟ ଏକ ଟ୍ରକ୍ ପଛରେ ପିଟିହୋଇଥିଲା। ଫଳରେ ସାଇକେଲ ଆରୋହୀରଙ୍କ କୌଣସି କ୍ଷତି ହୋଇ ନ ଥିବାବେଳେ ସାଇକେଲଟି ଚକା ତଳେ ପଡିଯାଇଥିଲା। କିନ୍ତୁ ଟ୍ରକ୍ ଡ୍ରାଇଭର ଗୁରୁତର ହୋଇଥିଲେ।

## ନିଶା ନିବାରଣ ଅଭିଯାନ

**କୋରେଇ,୧୯(ସ୍ୱ.ପ୍ର.):** କୋରେଇ ବ୍ଲକ ତଥା ପାଣିକୋଇଲି ଥାନା ଅନ୍ତର୍ଗତ ତଣ୍ଡରା ପଞ୍ଚାୟତକୁ ମଦମୁକ୍ତ କରିବା ଲକ୍ଷ୍ୟରେ ଉତ୍କଳ ଫାଉଣ୍ଡେଶନ ଓ ମା' ଛାଟକୁମ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ନିଶା ନିବାରଣ ଅଭିଯାନ କରାଯାଇଛି। ଏହି ଅବସରରେ ବହୁ କର୍ମୀ ନିଶା ମୁକ୍ତ କରିବା ଲକ୍ଷ୍ୟରେ ସଚେତନତା ଶୋଭାଯାତ୍ରା ପରିକ୍ରମା କରିଥିଲେ। ଶଙ୍ଖଚିଲା ଫାଣ୍ଡି ପକ୍ଷରୁ ସଞ୍ଜୟ ବରାଳ, ମାଧବାନନ୍ଦ ମୁଦୁଲି, ସମିତିସଭ୍ୟା ଗଭିନ ଦଳେଇ ପ୍ରମୁଖ ଯୋଗଦେଇଥିଲେ। ପ୍ରଶନ୍ନ ସ୍ୱାଇଁ, ନରେଶ ପରିଡା, ଅଭୟ ସ୍ୱାଇଁ, ପ୍ରୀୟବ୍ରତ ବାରିକ, ମୋହନ ମଲ୍ଲିକ, ସୌମ୍ୟରଞ୍ଜନ ପରିଡା, ମାୟାଧର ସ୍ୱାଇଁ, ବେନୁଧର ପରିଡା, ସ୍ୱରୁପ ସ୍ୱାଇଁ, ସୁନିଲ ଆଏଚ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ତଳ ଜୁଆଣିଆ ପ୍ରକଳ୍ପ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ

**ସିଂହପୁର,୧୯(ଡି.ଏନ୍.ଏ.)**

ସିଂହପୁର ନିକଟବର୍ତ୍ତୀ ଜୁଆଣିଆ ପଞ୍ଚାୟତ ତଳ ଜୁଆଣିଆ ପ୍ରକଳ୍ପ ଉପ୍ରା ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ହୋଇଛି। ଏହି ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢାଇବା ନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ୪ ଜଣ ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତି ପାଇଛନ୍ତି। କିନ୍ତୁ ବିଜ୍ଞାନ ଶିକ୍ଷୟିତ୍ରୀ ସୁସ୍ମିତା ମଲିକ ୧୦ ମାସ ହେବ ବିଦ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ଅନ୍ୟ ଜଣେ ଶିକ୍ଷୟିତ୍ରୀ ଦିବ୍ୟାଙ୍ଗ ହୋଇଥିବାରୁ ସମସ୍ତ ଶ୍ରେଣୀଗୃହକୁ ଯାତାୟାତ କରିବା ସମ୍ଭବ ହୋଇପାରୁ ନାହିଁ। ଫଳରେ ପ୍ରଧାନ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକରେ ପାଠପଢାରେ ସମସ୍ୟା ଦେଖାଦେଉଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ଅପରପକ୍ଷେ ବିଦ୍ୟାଳୟର ଦୁଇ ପାର୍ଶ୍ୱରେ ପୋଖରୀ ଥିବାରୁ ଶିକ୍ଷକମାନେ ପିଲାମାନଙ୍କୁ ଜଗିବା କଷ୍ଟକର ହୋଇପଡୁଛି। ଆସନ୍ତା ୧୫ ଦିନ ମଧ୍ୟରେ ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ନ ଦେଲେ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇବାକୁ ଚେତାବନୀ ଦେଇଛନ୍ତି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଶୁହାସିନୀ ଦାଶଙ୍କୁ ପଚାରିବାରୁ ବିଦ୍ୟାଳୟରେ ଦେଖାଦେଇଥିବା ସମସ୍ୟା ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି। ବିଇଓ ଧ୍ରୁବଚରଣ ମହାନ୍ତିଙ୍କୁ ପଚାରିବାରୁ ଦେହ ଖରାପ ଥିବା ଦର୍ଶାଇ ସମ୍ପୃକ୍ତ ଶିକ୍ଷୟିତ୍ରୀ ଛୁଟିରେ ରହୁଛନ୍ତି। ଘଟଣା ସମ୍ପର୍କରେ ତଦନ୍ତ କରି ଖୁବ୍‌ଶୀଘ୍ର ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି କହିଛନ୍ତି।

## ଭତ୍ତା, ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ

**କଳିଙ୍ଗନଗର,୧୯(ଡି.ଏନ୍.ଏ.)**

ଦାନଗଦୀ ବ୍ଲକ ପ୍ରଶାସନ ପକ୍ଷରୁ ଶୁକ୍ରବାର ବ୍ଲକର ନଛିପୁରା ଓ ଦାନଗଦୀ ଭବନଠାରେ ଭତ୍ତା ଏବଂ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଦାନଗଦୀ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯାଜପୁର ଏମ୍‌ପି ସର୍ମିଷ୍ଠା ସେଠୀ ଓ ସମ୍ମାନିତ ଅତିଥି ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇଥିଲେ। ମଧୁବାବୁ ପେନଶନ ଯୋଜନାରେ ୪୦୧ଜଣ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପ୍ରଦାନ କରାଯାଇଥିବାବେଳେ ୮୩ଜଣ ହିତାଧିକାରୀଙ୍କୁ ବିଜୁପକ୍କା ଘର କାର୍ଯ୍ୟାଦେଶ ଓ ୬୬ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ୧୦ନଂ ଜୋନ୍ ଜିଲାପରିଷଦ ସଭ୍ୟ ସୁଶାନ୍ତ ସାମଲ, ୯ନମ୍ବର ଜୋନ୍ ଜିଲାପରିଷଦ ସଭ୍ୟ ଭାଗ୍ୟଲକ୍ଷ୍ମୀ ରାଉତ, ବିଡିଓ ମଣିପ୍ରସାଦ ମିଶ୍ର, ଦାନଗଦୀ ବ୍ଲକ ଅଧ୍ୟକ୍ଷା ଲୋପାମୁଦ୍ରା ନାୟକ, ଉପାଧ୍ୟକ୍ଷ ସୁଧାଂଶୁ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନଛିପୁରାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକ ଓ ବିଡିଓ ସମେତ ୯ଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

## ଥାନା ଅଞ୍ଚଳରେ ଶାନ୍ତି ଶୃଙ୍ଖଳାକୁ ଗୁରୁତ୍ୱ

**କୋରେଇ,୧୯(ସ୍ୱ.ପ୍ର.)**

କୋରେଇ ଥାନାରେ ଆମ ପୋଲିସ ସମିତି ବୈଠକ ରବିବାର ଥାନାଧିକାରୀ ରଣଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ନୂତନ ଟ୍ରାଫିକ ନିୟମ, ଚୋରା ମଦ କାରବାର ଉପରେ ଲଗାମ ଓ ଥାନା ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସମ୍ପର୍କରେ ଆଲୋଚନା କରାଯାଇଛି। ସମିତି ସଦସ୍ୟ ଇନ୍ଦ୍ରିସ ମହମ୍ମଦ, ଫୁରକାନ ହଜାରୀ, ଗୋରା ହଜାରୀ, ଜଗନ୍ନାଥ ମାଝୀ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପୁରୁଷୋତମ ବିଶ୍ୱାଳ, ହିମାଂଶୁ ଶେଖର ସାହୁ, ରଘୁନାଥ ବୋଇତାଇ, ନୃସିଂହ ଚରଣ ମହାରଣା, ରଘୁନାଥ ମହାନ୍ତି, ଅକ୍ଷୟ ଦାସ ପ୍ରମୁଖ ଆଲୋଚନାରେ ଭାଗନେଇ ମତାମତ ରଖିଥିଲେ। ଶେଷରେ ଏଏସ୍‌ଆଇ ସଲିଳ କୁମାର ମଲ୍ଲିକ ଦନ୍ୟବାଦ ଦେଇଥିଲେ।

■ ସାହିତ୍ୟ ପତ୍ରିକା ଶୁଭ ସକାଳର ବାର୍ଷିକ ଉତ୍ସବ

## 'ଶିଶୁ ସାହିତ୍ୟ ସୃଷ୍ଟିରେ ଧର୍ମଶାଳାର ଅବଦାନ ଅତୁଳନୀୟ'

**ଧର୍ମଶାଳା, ୧୯(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜାରକା ଅଞ୍ଚଳରୁ ପ୍ରକାଶ ପାଉଥିବା ଶିଶୁ ସାହିତ୍ୟ ପତ୍ରିକା ଶୁଭ ସକାଳର ୪ର୍ଥ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ ଜାରକାସ୍ଥିତ ଧର୍ମଶାଳା ବ୍ଲକ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । କବି ରାଜକିଶୋର ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ କେନ୍ଦ୍ର ବାଲ ସାହିତ୍ୟ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ବିଚିତ୍ରାନନ୍ଦ ମୁନି, ମୁଖ୍ୟବକ୍ତା ଭାବେ ଜିଲା ଲେଖକ ସମ୍ମିଳନର ସଭାପତି ରୁଦ୍ର ନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇ ଶିଶୁ ସାହିତ୍ୟ ସୃଷ୍ଟିରେ ଧର୍ମଶାଳାର ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶିଶୁ ସାହିତ୍ୟ ପତ୍ରିକା ''ଶୁଭ ସକାଳ''କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଚଳିତ ବର୍ଷ ଶିଶୁ ସାହିତ୍ୟିକ ବଂଶୀଧର ସେଠୀ, କରୁଣାକର ମହାପାତ୍ର, ପ୍ରତାପ ଚନ୍ଦ୍ର ରାଉତ, ମାନସୀ ବେହେରା, ରାବେୟା ସୁରେୟା ପ୍ରମୁଖଙ୍କୁ ମାନପତ୍ର ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ବ୍ରଜବନ୍ଧୁ ଶତପଥୀ ବିବରଣୀ ପାଠ କରିଥିବା ବେଳେ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ନାରାୟଣ ଶତପଥୀ ବେଦପାଠ କରିଥିଲେ। ରୁତୁପୂର୍ଣ୍ଣା ଓ ସାଇକୃପା ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଅନୁଷ୍ଠାନର ଉପ-ସଭାପତି ମୀନତୀ ସାହୁ ମଞ୍ଚପରିଚାଳନା କରିଥିଲେ। ଉତ୍ସବର ଦ୍ୱିତୀୟାର୍ଦ୍ଧରେ କବି ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଶିଶୁ କବିତା ପଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ପ୍ରତିଭା ମଞ୍ଜରୀ ଦାଶ ଓ ଅର୍ଜୁନ ପୃଷ୍ଟି କବିତାଗୁଡିକୁ ସଂଯୋଜନା କରିଥିଲେ। ଶେଷରେ ଯୋଗେନ୍ଦ୍ରନାଥ ସାହୁ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ସାହିତ୍ୟ ପତ୍ରିକା ଶୁଭସକାଳକୁ ଉନ୍ମୋଚନ କରୁଛନ୍ତି।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ

**ଯାଜପୁର ରୋଡ,୧୯(ନି.ପ୍ର.)**

ବ୍ୟାସନଗର ପୌର ପରିଷଦ ଅଞ୍ଚଳରେ ରହୁଥିବା ୩୬ଜଣ ବରିଷ୍ଠ ନାଗରିକଙ୍କୁ ଯାଜପୁର ଏସ୍‌ପି ଚରଣ ସିଂ ମିନା ଯାଜପୁର ରୋଡ ଥାନାରେ ପରିଚୟ ପତ୍ର ବଣ୍ଟନ କରିଛନ୍ତି। ଏହି ପରିଚୟ ପତ୍ର ଦ୍ୱାରା ବରିଷ୍ଠ ନାଗରିକମାନେ ପ୍ରତେକ ସ୍ଥାନରେ ସୁବିଧା ପାଇବେ ବୋଲି ଯାଜପୁର ଆରକ୍ଷୀ ଅଧୀକ୍ଷକ ମିନା କହିଥିଲେ। ଯାଜପୁର ଏସ୍‌ଡିପିଓ କେଦାରନାଥ ସାହୁ, ଥାନା ଅଧିକାରୀ ଅନିଲ କୁମାର ମହାନ୍ତିଙ୍କ ସହ କାର୍ଯ୍ୟକ୍ରମରେ ବହୁ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।


# ଜନସାଧାରଣ, ମୋଟରଯାନ ଚାଳକ ଏବଂ ମାଲିକମାନଙ୍କ ନିମନ୍ତେ ସୂଚନା

ଭାରତ ସରକାରଙ୍କ ଦ୍ୱାରା ମୋଟରଯାନ ଆଇନ ୧୯୮୮ର ସଂଶୋଧନ କରାଯାଇଅଛି ଏବଂ ଏହି ସଂଶୋଧିତ ମୋଟରଯାନ ଆଇନ (**Motor Vehicles (Amendment) Act 2019**)ର ବିଭିନ୍ନ ନିୟମାବଳୀ ତା. ୦୧.୦୯.୨୦୧୯ଠାରୁ ଲାଗୁ କରାଯାଇଅଛି । ଏହି ସଂଶୋଧିତ ଆଇନରେ ଟ୍ରାଫିକ୍ ନିୟମ ଉଲଙ୍ଘନକାରୀ ମାନଙ୍କ ପାଇଁ କଠୋର ଆର୍ଥିକ ଦଣ୍ଡର ବ୍ୟବସ୍ଥା ଅଛି । ଜନସାଧାରଣ, ମୋଟରଯାନ ଚାଳକ ଏବଂ ମାଲିକମାନଙ୍କ ଅବଗତି ନିମନ୍ତେ କେତେକ ଗୁରୁତ୍ୱପୂର୍ଣ୍ଣ ଦଫାରେ ଆର୍ଥିକ ଜରିମାନା ପରିମାଣ ନିମ୍ନଲିଖିତ ସାରଣୀରେ ପ୍ରଦାନ କରାଗଲା ।

## ଟ୍ରାଫିକ୍ ନିୟମ ଭାଙ୍ଗିଲେ ଜରିମାନା (ଟଙ୍କାରେ)

| ଦଫା | ଆଇନ ଉଲଙ୍ଘନର ପ୍ରକାର | ପ୍ରଥମ ଉଲଙ୍ଘନ | ଦ୍ୱିତୀୟ ଓ ପରବର୍ତ୍ତୀ ଉଲଙ୍ଘନ |
|---|---|---|---|
| 177 | ସାଧାରଣ ନିୟମ ଖିଲାପ | ୫୦୦ | ୧୫୦୦ |
| 177 (A) | ଗାଡ଼ି ଚାଳନା ନିୟମର ଖିଲାପ | ୧୦୦୦ | ୧୦୦୦ |
| 178 | ବିନା ଟିକଟରେ ଯାତ୍ରା | ୫୦୦ | ୫୦୦ |
| 179 (1) | କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅବମାନନା | ୨୦୦୦ | ୨୦୦୦ |
| 179 (2) | ଜାଣିଶୁଣି ସୂଚନା ନ ଦେବା | ୨୦୦୦ | ୨୦୦୦ |
| 180 | ଅଣସ୍ୱୀକୃତ ବ୍ୟକ୍ତିଙ୍କୁ ଗାଡ଼ି ଚଳାଇବାକୁ ଦେବା | ୫୦୦୦ | ୫୦୦୦ |
| 181 | ବିନା ଡ୍ରାଇଭିଂ ଲାଇସେନ୍ସ ରେ ଗାଡ଼ି ଚଳାଇବା | ୫୦୦୦ | ୫୦୦୦ |
| 182 (1) | ଡ୍ରାଇଭିଂ ଲାଇସେନ୍ସ ବାତିଲ ବେଳେ ଗାଡ଼ି ଚଳାଇବା | ୧୦,୦୦୦ | ୧୦,୦୦୦ |
| 182 (2) | କଣ୍ଡକ୍ଟର ଲାଇସେନ୍ସ ନଥିବା | ୧୦,୦୦୦ | ୧୦,୦୦୦ |
| 182 (A)(4) | ମାଲିକଙ୍କ ଦ୍ୱାରା ନିୟମ ବର୍ହିଭୁତ ଭାବେ ଗାଡ଼ିରେ ପରିବର୍ତ୍ତନ କରିବା | ୫୦୦୦ | ୫୦୦୦ |
| 183 (i) | ଦ୍ରୁତ ଗତିରେ ହାଲୁକା ମୋଟରଯାନ ଚଳାଇବା | ୨୦୦୦ | ୨୦୦୦ |
| 183 (ii) | ଦ୍ରୁତ ଗତିରେ ମଧ୍ୟମ ଓ ଭାରିଯାନ ଚଳାଇବା | ୪୦୦୦ | ୪୦୦୦ |
| 184 (A) | ରେଡ୍ ଲାଇଟ୍ ଡେଇଁଯିବା | ୫୦୦୦ | ୧୦୦୦୦ |
| 184 (B) | 'ଅଟକିବା ସଙ୍କେତ' ନ ମାନିବା | ୫୦୦୦ | ୧୦୦୦୦ |
| 184 (C) | ଗାଡ଼ି ଚଳାଇବା ବେଳେ ମୋବାଇଲ୍ ବ୍ୟବହାର କରିବା | ୫୦୦୦ | ୧୦୦୦୦ |
| 184 (D) | ବେଆଇନ ଓଭରଟେକିଂ | ୫୦୦୦ | ୧୦୦୦୦ |
| 184 (E) | ଟ୍ରାଫିକ୍‌ର ବିପରୀତ ଦିଗରେ ଗାଡ଼ି ଚଳାଇବା | ୫୦୦୦ | ୧୦୦୦୦ |
| 184 (F) | ବିପଜ୍ଜନକ ଗାଡ଼ିଚାଳନା | ୫୦୦୦ | ୧୦୦୦୦ |
| 185 | ନିଶାସେବନ କରି ଗାଡ଼ି ଚଳାଇବା | ୧୦୦୦୦ | ୧୫୦୦୦ |
| 187 | ଦୁର୍ଘଟଣା ଘଟାଇବା | ୫୦୦୦ | ୧୦୦୦୦ |
| 189 | ବିନା ଅନୁମତିରେ ରେସିଂ ଓ ପରୀକ୍ଷଣ କରିବା | ୫୦୦୦ | ୧୦୦୦୦ |
| 190 (1)(A) | ଅସୁରକ୍ଷିତ ଗାଡିକୁ ଚଳାଇବା | ୧୫୦୦ | ୧୫୦୦ |
| 190 (2) | ବାୟୁ ଓ ଶବ୍ଦ ପ୍ରଦୂଷଣ ନିୟମ ଖିଲାପ | ୧୦୦୦୦ | ୧୦୦୦୦ |
| 190 (3) | ବେନିୟମ ଭାବେ ବିପଦପୂର୍ଣ୍ଣ ସାମଗ୍ରୀ ପରିବହନ କରିବା | ୧୦୦୦୦ | ୨୦୦୦୦ |
| 192 | ବୈଧ ରେଜିଷ୍ଟ୍ରେସନ ଓ ଫିଟ୍‌ନେସ୍ ପ୍ରମାଣପତ୍ର ବିନା ଗାଡ଼ି ଚଳାଇବା ଏବଂ ମାଲ୍‌ଗାଡ଼ିରେ ଯାତ୍ରୀ ପରିବହନ କରିବା | ୫୦୦୦ | ୧୦୦୦୦ |
| 192 (A) | ପରମିଟ୍ ନଥାଇ କିମ୍ବା ପରମିଟ୍ ନିୟମ ଖିଲାପକରି ଗାଡ଼ି ଚଳାଇବା | ୧୦୦୦୦ | ୧୦୦୦୦ |
| 194 (1) | ମାଲବାହୀ ଗାଡ଼ିରେ ଧାର୍ଯ୍ୟ କ୍ଷମତା ଠାରୁ ଅଧିକ ମାଲ ପରିବହନ କରିବା | ୨୦୦୦୦ (ଅତିରିକ୍ତ ଟନ୍ ପିଛା ୨୦୦୦) | |
| 194 (1)(A) | ଯାନର ଉଭୟ ପାର୍ଶ୍ୱ, ଆଗ ଓ ପଛ ପାର୍ଶ୍ୱ ଏବଂ ଉଚ୍ଚତାର ଧାର୍ଯ୍ୟ ସୀମା ବାହାରେ ମାଲ ପରିବହନ କରିବା | ୨୦୦୦୦ | ୨୦୦୦୦ |
| 194 (A) | ବାଣିଜ୍ୟିକ ଯାନରେ କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ କରିବା | ପ୍ରତି ଅଧିକ ଯାତ୍ରୀ ପିଛା ୨୦୦ | |
| 194 (B)(1) | ଚାଳକ ଓ ଯାତ୍ରୀ ସିଟ୍ ବେଲ୍‌ଟ ନ ପିନ୍ଧିବା | ୧୦୦୦ | ୧୦୦୦ |
| 194 (B)(2) | ୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ ବିନା ସୁରକ୍ଷା ବ୍ୟବସ୍ଥାରେ ଗାଡ଼ିରେ ନେବା | ୧୦୦୦ | ୧୦୦୦ |
| 194 (C) | ଦୁଇଚକିଆ ଯାନରେ ୨ ଜଣରୁ ଅଧିକ ଯାତ୍ରା କରିବା | ୧୦୦୦ | ୧୦୦୦ |
| 194 (D) | ଦୁଇଚକିଆ ଯାନରେ ଚାଳକ ଓ ସହଯାତ୍ରୀ ହେଲ୍‌ମେଟ୍ ନ ପିନ୍ଧିବା | ୧୦୦୦ | ୧୦୦୦ |
| 194 (E) | ଜରୁରିକାଳୀନ ଗାଡ଼ିକୁ ବାଟ ନ ଦେବା | ୧୦୦୦୦ | ୧୦୦୦୦ |
| 194 (F)(A) | ଅନାବଶ୍ୟକ ଭାବେ, ଲଗାତର ଭାବେ ଓ ନିଷିଦ୍ଧାଞ୍ଚଳରେ ହର୍ଣ୍ଣ ବଜାଇବା | ୧୦୦୦ | ୨୦୦୦ |
| 194 (F)(B) | ମୋଟରଯାନର ସାଇଲେନ୍ସରକୁ ବିକୃତ କରିବା | ୧୦୦୦ | ୨୦୦୦ |
| 196 | ବିନା ଇନ୍‌ସ୍ୟୁରାନ୍ସରେ ଗାଡ଼ି ଚଳାଇବା | ୨୦୦୦ | ୪୦୦୦ |
| 199 (A)(2) | କିଶୋର ବୟସ (ଜୁଭେନାଇଲ୍) ରେ ଗାଡ଼ି ଚଳାଇବା | ୨୫୦୦୦ | ୨୫୦୦୦ |

ଆଇନ ଉଲଙ୍ଘନକାରୀ ମାନଙ୍କୁ ଧରିବା ନିମନ୍ତେ ରାଜ୍ୟ ପୁଲିସ ଏବଂ ପରିବହନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି । ସମସ୍ତ ସଡ଼କ ବ୍ୟବହାରକାରୀ ମାନଙ୍କୁ ଟ୍ରାଫିକ୍ ନିୟମର କଡ଼ାକଡ଼ି ଅନୁପାଳନ ନିମନ୍ତେ ଅନୁରୋଧ କରାଯାଉଅଛି ।

**ଆସନ୍ତୁ ଓଡ଼ିଶାକୁ ଏକ ସଡ଼କ ଦୁର୍ଘଟଣା ମୁକ୍ତ ରାଜ୍ୟରେ ପରିଣତ କରିବା ।**

ODISHA ROAD SAFETY SOCIETY

**ପରିବହନ କମିଶନର, ଓଡ଼ିଶା**

**ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି**



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା
ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ମଦ ଜବତ, ୨ ଗିରଫ

**ଚଣ୍ଡିଖୋଲ,୧।୯(ଡ଼ି.ଏନ.ଏ):** ବଡ଼ଚଣା ଥାନା ସିହା ପଞ୍ଚାୟତର କୋଲାସିଂହଠାରେ ଚୋରା ଦେଶୀ ମଦ ବିକ୍ରି କରୁଥିବା ଖବର ପାଇ ରବିବାର ବଡ଼ଚଣା ପୋଲିସ ଚଢ଼ାଉ କରି ଦୁଇ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୯ ଲିଟର ଦେଶୀ ମଦ ଜବତ କରିଛି। ଗିରଫ ବ୍ୟବସାୟୀମାନେ ହେଲେ କୋଲାସିଂହ ଗ୍ରାମର ବିଷ୍ଣୁ ଖଟୁଆ ଜେନାପୁର ଥାନା କନ୍ତାଲୁ ଗ୍ରାମର କୃପାସିନ୍ଧୁ ସାହୁ। ବଡ଼ଚଣା ପୋଲିସ ଏ ନେଇ ଦୁଇଟି ମାମଲା (୧୯୫/୧୯ ଓ ୧୯୬/୧୯) ରୁଜୁ କରିଛି। ସୋମବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

### ଶତାୟୁ ସଂଗ୍ରାମୀ ହାଡ଼ିବନ୍ଧୁଙ୍କ ଦେହାନ୍ତ

**ଚଣ୍ଡିଖୋଲ,୧।୯(ଡି.ଏନ.ଏ):** ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଦେଶ ପାଇଁ ଲଢେଇ କରିଥିବା ବଡଚଣା ବ୍ଲକ ବନମାଳୀପୁର ଗ୍ରାମର ସଂଗ୍ରାମୀ ହାଡିବନ୍ଧୁ ରାୟ(୧୦୦)ଙ୍କର ରବିବାର ପରଲୋକ ହୋଇଯାଇଛି। ସେ ସ୍ୱାଧିନତା ସଂଗ୍ରାମରେ ଯୋଗ ଦେଇଥିଲେ ମଧ ଅଣବନ୍ଦୀ ସଂଗ୍ରାମୀ ଭାବେ ବଡ଼ଚଣା ଅଞ୍ଚଳରେ ବେଶ ପରିଚିତ ଥିଲେ। ଗତ କିଛିବର୍ଷ ଧରି ସେ ରୋଗଶଯ୍ୟାରେ ପଡ଼ିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୧୦୦ ବର୍ଷ ହୋଇଯାଇଥିଲା। ସେ ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ଭାଗ ନେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ମଝିପଡା ସରପଞ୍ଚ ତାପସ ରାୟ, ସମିତି ସଭ୍ୟା ମଞ୍ଜୁଶ୍ରୀ ଦେଓ, ଅନିରୁଦ୍ଧ ପାଢ଼ୀ, ଭିକାରୀ ଚରଣ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ସ୍ୱର୍ଗତ ରାୟଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ଦେହାନ୍ତ ଖବର ପାଇ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥି ଗଭୀର ଶୋକ ବ୍ୟକ୍ତ କରିବା ସହ ସ୍ୱାଧିନତା ସଂଗ୍ରାମ ତାଙ୍କର ଅବଦାନ ଥିଲା ବୋଲି ପ୍ରକାଶ କରିଥିଲେ। ତାଙ୍କ ମରଶରୀରରେ ଜାତୀୟ ପତାକା ଢଙ୍କାଯାଇ ମଝିପଡ଼ା ପଞ୍ଚାୟତ ପରିକ୍ରମା କରଯାଇଥିଲା। ଶେଷରେ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା।

### ଟେଣ୍ଟ ହାଉସରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍

**ରସୁଲପୁର,୧।୯(ଡିଏନଏ):** କୁଆଥିଆ ଥାନା ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତ ଗଣାବାଗ ଗାଁ ଛକରୁ ଶନିବାର ରାତିରେ ଏକ ଟେଣ୍ଟ ହାଉସ୍‌ରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍ ହୋଇଛି। ଏ ନେଇ କୁଆଖିଆ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ମୁଗୁପାଳ ଗ୍ରାମର ଅଜୟ କୁମାର ସାହୁଙ୍କର ଗଣାବାଗ ଛକରେ ଥିବା ଟେଣ୍ଟ ହାଉସ୍ ନିକଟରେ ଏକ ପିକ୍‌ଅପ୍ ଗାଡିରେ ଡିଜେ ମାଇକ୍ ମେଶିନ୍ ଓ ବକ୍ସ ରଖିଥିଲେ। ମାତ୍ର ବିଳମ୍ବିତ ରାତିରେ ରାତିରେ ଚୋରମାନେ ଏହି ଗାଡିରୁ ୩ଟି ଡିଜେ ମେଶିନ୍ ସହିତ ୬ଟି ବକ୍ସ ନେଇଯାଇଛନ୍ତି। ଟେଣ୍ଟ୍ ହାଉସ୍‌ରେ ଶୋଇଥିବା ପିଲାମାନେ ସକାଳେ ଏହା ଦେଖି ଅଜୟଙ୍କୁ ଖବର ଦେଇଥିଲେ। ମାଲିକ ଏ ସମ୍ପର୍କରେ କୁଆଥିଆ ଥାନରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା।

# ବର୍ଷଙ୍କ ମଧ୍ୟରେ ହୋଇନି ନୂତନ କାର୍ଯ୍ୟ

**ଯାଜପୁର ପୌର ପରିଷଦ**
- ମରଣଯନ୍ତା ପାଲଟିଛି ସହରର ବିଭିନ୍ନ ରାସ୍ତା
- ୩୬ଦିନ ବି କାମରେ ଲାଗିଲାନି ୩୬ଲକ୍ଷ ଟଙ୍କାର ସଫେଇ ମେଶିନ

**ଯାଜପୁର ଟାଉନ,୧।୯(ଡିଏନଏ)**

ଯାଜପୁର ପୌର ପରିଷଦ ୨୦୧୮ରେ ୧୫୦ବର୍ଷ ପୂର୍ତ୍ତି ପାଳନ କରିଛି। ମାତ୍ର ଏବେବି ସହରର ବିଭିନ୍ନ ସ୍ଥାନରେ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଜଣାପଡ଼ିଛି। ସହରର ୧୫୦ବର୍ଷ ପୂର୍ତ୍ତି ପାଳନ ସମୟରେ ବିଭିନ୍ନ କାର୍ଯ୍ୟ ହାତକୁ ନିଆଯାଇଥିଲା। କିନ୍ତୁ ଏହାପରେ ବର୍ଷେ ହେବ କୌଣସି ନୂତନ କାର୍ଯ୍ୟ ହୋଇନାହିଁ। ଯାଜପୁର ପୌର ପରିଷଦ ୧୮ଟି ୱାର୍ଡକୁ ନେଇ ଗଠିତ ହୋଇଥିବାବେଳେ ଏହାର ଜନସଂଖ୍ୟା ପ୍ରାୟ ୫୦ହଜାର। ଏହି ପୌର ପରିଷଦର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ୧୨ଟି ୱାର୍ଡରେ ଏକ ଘରୋଇ ସଂସ୍ଥା ପରିମଳ ବ୍ୟବସ୍ଥା ହାତକୁ ନେଇଥିବାବେଳେ ୬ଟି ୱାର୍ଡରେ ପୌରସଂସ୍ଥା ନିଜେ କାର୍ଯ୍ୟ କରୁଛି। ସହରର ବିଭିନ୍ନ ସ୍ଥାନରେ କୁଢ଼କୁଢ଼ ଅଳିଆ ଗଦା ହୋଇ ରହୁଥିବାବେଳେ ଡ୍ରେନ୍‌ଗୁଡିକରୁ ପଙ୍କ ଉଦ୍ଧାର କରାଯାଉ ନ ଥିବାରୁ ଅଳ୍ପ ବର୍ଷାରେ ଆଣ୍ଠୁଏ ଲେଖାଏ ପାଣି ଜମିବାରେ ଲାଗିଛି। ଏହି ପୌର ପରିଷଦର ନିଜସ୍ୱ ଡମ୍ପିଂୟାର୍ଡ ନ ଥିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବୈତରଣୀ ନଦୀକୂଳରେ ସହରର ଅଳିଆ ଆବର୍ଜନାଗୁଡ଼ିକୁ ପକାଇ ବୈତରଣୀ ନଦୀକୁ ପ୍ରଦୂଷିତ କରାଯାଉଛି। ଗତବର୍ଷ ରାସ୍ତା ସଫା କରିବା ପାଇଁ ଅତ୍ୟାଧୁନିକ ରାସ୍ତା ସଫେଇ ମେଶିନ ୩୬ଲକ୍ଷ ଟଙ୍କା ବ୍ୟୟରେ କ୍ରୟ କରାଯାଇଥିଲା। ମାତ୍ର ଏହା ୩୬ଦିନ ବି କାମରେ ଲାଗି ନ ଥିବା ଜଣାପଡିଛି। ସର୍ବପୁରାତନ ଯାଜପୁର ପୌରସଂସ୍ଥାର ଘରୋଇ ପାଇଖାନା ସଫା କରିବା ପାଇଁ ନିଜସ୍ୱ ମେଶିନ ନାହିଁ। ଭଦ୍ରକର ଏକ ଘରୋଇ ସଂସ୍ଥାକୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ପୌର ପରିଷଦ ଅଞ୍ଚଳରେ ଜଳଯୋଗାଣ କରାଯାଉଥିବା ଟ୍ୟାପ୍‌ରୁ ଦୁର୍ଗନ୍ଧଯୁକ୍ତ ପାଣି ବାହାରୁ ଥିବାବେଳେ ପୌର ପରିଷଦ ଅଧିକାରୀମାନେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଯାଜପୁର ପୌର ପରିଷଦ ବ୍ୟତୀତ ଯାଜପୁର ସହରର ବିଭିନ୍ନ ସାହିରେ ଥିବା କଂକ୍ରିଟ ରାସ୍ତା ଭାଙ୍ଗିରୁଜି ଗଲାଣି। ଯାଜପୁର ସହରର ୫ନଂ ୱାର୍ଡରେ ରାସ୍ତା ନିର୍ମାଣ ହୋଇପାରୁ ନ ଥିବାବେଳେ ମୁଖ୍ୟ ରାସ୍ତାଗୁଡିକ ମରଣଯନ୍ତା ପାଲଟିଛି। ପ୍ରତ୍ୟେକ ଦିନ ସହରର ବିଭିନ୍ନ ସ୍ଥାନରେ ଛୋଟବଡ଼ ଦୁର୍ଘଟଣାମାନ ଘଟି ଲୋକେ ଗୁରୁତର ହେଉଛନ୍ତି। ହେଲେ ଜିଲା ପ୍ରଶାସନ ଏହାକୁ ଜଳଜଳ ହୋଇ ଦେଖୁଥିଲେ ମଧ ଏହାର ମରାମତି ଦିଗରେ ସାମାନ୍ୟତମ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଯାଜପୁର ସହରର ମେଡିକାଲ ଛକ ନିକଟରେ ଥିବା ମୁଖ୍ୟ ରାସ୍ତାଟି ଆଜକୁ ବର୍ଷେ ହେବ ମରଣଯନ୍ତା ସଦୃଶ ହୋଇଛି। ଏହି ରାସ୍ତାଟି ପୂର୍ତ୍ତ ବିଭାଗର ହୋଇଥିବାବେଳେ ଜିଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ସହରର ଗାନ୍ଧୀଛକଠାରୁ ବଡ଼ ବଜାର ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ହାବେଳି ବଜାର, ମାର୍କେଟ ଛକଠାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଥିଲେ ମଧ ଏହାର ମରାମତି କାର୍ଯ୍ୟ କରାଯାଉ ନାହିଁ। ସହରର ସବୁଠାରୁ ବ୍ୟସ୍ତବହୁଳ ରାସ୍ତା କୁହାଯାଉଥିବା ମେଡିକାଲ ଛକଠାରୁ ଗରିଆପୁର ଛକ ପର୍ଯ୍ୟନ୍ତ ରାସ୍ତାର ମଧ ସମାନ ଅବସ୍ଥା। ଏହି ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ହେଲେ ମରାମତି କାର୍ଯ୍ୟ ବର୍ଷ ବର୍ଷ ଧରି କରାଯାଉ ନାହିଁ। ଅନ୍ୟପକ୍ଷରେ ଆଜକୁ କିଛିମାସ ତଳେ ଯାଜପୁର ସହରବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରର ବିଭିନ୍ନ ରାସ୍ତାରେ ପାଣି ପାଇପ୍ ବିଛା ଯାଇଥିଲା। ମୁଖ୍ୟତଃ ସହରର ବିଭିନ୍ନ କଂକ୍ରିଟ୍ ରାସ୍ତାକୁ ପ୍ରୋକ୍ଲିନ୍ ମେଶିନ ସାହାଯ୍ୟରେ ଖୋଳାଯାଇ ପାଇପ୍ ବସାଯାଇଥିଲେ ମଧ ଏହାର ମରାମତି କରାଯାଇ ନ ଥିଲା। ଏପରିକି ମୁଖ୍ୟ ପାଇପ୍‌ରୁ ସହରର ବିଭିନ୍ନ ଲୋକଙ୍କ ଘରକୁ ଯୋଗାଇ ଦିଆଯାଇଥିବା ପାଣି ପାଇପ୍‌ଗୁଡିକର ମରାମତି କାର୍ଯ୍ୟ ଅଦ୍ୟାବଧି କରାଯାଇ ନାହିଁ। ଫଳରେ ସହରର ମେଡିକାଲ ରୋଡଠାରୁ ଗରିଆପୁର, ଗାନ୍ଧୀଛକଠାରୁ ବଡ଼ବଜାର, ଗରିଆପୁର ଛକଠାରୁ ଯୋଡିକୂଅ ଛକ, ଯୋଡିକୂଅ ଛକଠାରୁ ସପନପୁର, ଅମ୍ବିକାଇ ଛକଠାରୁ ଶ୍ରୀରାମପୁର ଛକ, ମହାବୀର ଛକଠାରୁ ବୈଦ୍ୟରାଜପୁର ସମେତ ବିଭିନ୍ନ କଂକ୍ରିଟ୍ ରାସ୍ତାର ମଝିରେ ନାଳ ସୃଷ୍ଟି ହୋଇଛି। ଏହି ନାଳ ଯୋଗୁ ଅଧିକାଂଶ ସ୍ଥାନରେ ପାଣି ଜମିବା ସହ ସେଠାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ଦୁର୍ଘଟଣା ଘଟୁଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତିଙ୍କୁ ପଚାରିବାରେ, ପୂର୍ବରୁ ଦିଆଯାଇଥିବା କାର୍ଯ୍ୟ ଚାଲୁଛି। ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଏବେ ସହରରେ ୨ଟି ପ୍ଲାଣ୍ଟ ନିର୍ମାଣ କରାଯିବ। ଯେଉଁ ପ୍ଲାଣ୍ଟରେ ଅଳିଆ ଅବର୍ଜନାରୁ ଜୈବିକ ଖତ ପ୍ରସ୍ତୁତ କରାଯିବ। ଏଥିପାଇଁ ଯାଜପୁର ସହରର କୋଦଣ୍ଡପୁର ଓ ପୁରୁଣା ବସ୍‌ଷ୍ଟାଣ୍ଡରେ ଏମ୍‌ସିସି ଓ ଏମ୍‌ଆରଏଫ୍ ୨ଟି ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ସହରର ବିପର୍ଯ୍ୟସ୍ତ ରାସ୍ତା ସମ୍ପର୍କରେ ଆରଏଣ୍ଡବିର ଆସିଷ୍ଟାଣ୍ଟ ଇଞ୍ଜିନିୟର ଅଶୋକ କୁମାର ଲେଙ୍କାଙ୍କୁ ପଚାରିବାରୁ, ରାସ୍ତା ମରାମତି କାର୍ଯ୍ୟ ସମୟରେ ବର୍ଷା ହେଉଥିବାରୁ ତାହା ନଷ୍ଟ ହୋଇଯାଇଛି। ଖୁବ୍‌ଶୀଘ୍ର ତାହାର ମରାମତି କାର୍ଯ୍ୟ ପୁଣି ଆରମ୍ଭ ହେବ ବୋଲି କହିଥିଲେ।

## ନନ୍ଦ ଉତ୍ସବ ବୁଲି ଦେଖିଲେ କୋରେଇ ବିଧାୟକ

**ରସୁଲପୁର,୧।୯(ଡିଏନଏ)**

ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତର ଇଚ୍ଛାପୁର ଗ୍ରାମରେ ନନ୍ଦ ଉତ୍ସବ ପର୍ବ ଆନନ୍ଦ ଉଲ୍ଲାସର ସହ ଶେଷ ହୋଇଛି। ଏହି ପର୍ବର ରବିବାର ଶେଷ ଦିବସରରେ କୋରେଇ ବିଧାୟକ ଅଶୋକ କୁମାର ବଳ ପୂଜାସ୍ଥଳ ପରିଦର୍ଶନ କରିଥିଲେ। ଏହାପରେ ସେ ଗାଁ ଲୋକଙ୍କ ସହ ଆଲୋଚନା କରିଥିଲେ। ଗୋପାଳ ସମ୍ପ୍ରଦାୟଙ୍କ ପାରମ୍ପାରିକ ପର୍ବ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ବାତାବରଣ ସୃଷ୍ଟି ହୋଇଥିଲା। ଏହି ଅବସରରେ ବିଧାୟକଙ୍କ ଉପସ୍ଥିତିକୁ ନେଇ ଗ୍ରାମବାସୀଙ୍କୁ ବିଶିଷେ ଉତ୍ସାହିତ କରିଥିଲା। ନନ୍ଦ ଉତ୍ସବ ପ୍ରତିଷ୍ଠାନରେ ରହିଆସୁଥିବା ସମସ୍ୟା ସମ୍ପର୍କରେ ଗ୍ରାମର ମୁରବୀମାନେ ବିଧାୟକଙ୍କୁ ଅବଗତ କରାଇଛନ୍ତି। ଏଥିସହ ଗାଁରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ମଧ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

■ ବ୍ୟାସନଗର ପୌର ପରିଷଦରେ ସ୍ୱାୟତ୍ତ ଶାସନ ଦିବସ

## ବ୍ୟାସନଗରର ବିକାଶ ଉପରେ ଗୁରୁତ୍ୱ



ମୁଣ୍ଡମାଳଠାରେ ଅତିଥିମାନେ ମାଇକ୍ରୋ କମ୍ପୋଷ୍ଟିଂ ସିଷ୍ଟମର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**ଯାଜପୁର ରୋଡ,୧।୯(ନି.ପ୍ର)**

ବ୍ୟାସନଗର ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଓ ପ୍ରତିଭା ପୂଜା ଶନିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚୁନଭାଟିଠାରେ ଏମ୍‌ସିସି ପ୍ରକଳ୍ପ, ନହକା ବାଇପାସ ରୋଡରେ ଭେଣ୍ଡିଂ ଜୋନ୍, ଗୋପବନ୍ଧୁ ଛକଠାରେ ନନ୍ଦରାମ ପାଠାଗାର ଓ ଟାଉନ ହଲର ନବୀକରଣ ପ୍ରକଳ୍ପ ପ୍ରଭୃତି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । କୋରେଇ ବିଧାୟକ ଅଶୋକ କୁମାର ବଳ, ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ପୌର ପରିଷଦର ପ୍ରଶାସକ ସନ୍ତୋଷ ମିଶ୍ର, ନିର୍ବାହୀ ଅଧିକାରୀ ସପନ ନନ୍ଦ ପ୍ରମୁଖ ୪ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପୌର ପରିଷଦ ସଭା କାର୍ଯ୍ୟାଳୟରେ ଏଡିଏମ୍ ସନ୍ତୋଷ କୁମାର ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସନ୍ଧ୍ୟାରେ ଟାଉନହଲଠାରେ ୩୯ତମ ପ୍ରତିଭା ପୂଜା ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଧାୟକ ଅଶୋକ କୁମାର ବଳ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ସମ୍ମାନିତ ଅତିଥିଭାବେ ଯାଜପୁର ଏସ୍‌ପି ଚରଣ ସିଂ ମୀନା ଯୋଗ ଦେଇଥିଲେ। ବ୍ୟାସନଗର ବା ଯାଜପୁର ରୋଡ ସହରର ବିକାଶ ପାଇଁ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ସହରର ରାସ୍ତା ଘାଟ, ଡ୍ରେନ ପରିମଳ ଉପରେ ଜିଲା ପ୍ରଶାସନ ଗୁରୁତ୍ୱ ଦେଉଛି। ଯାଜପୁର ରୋଡ ରେଳ ଫାଟକ ଉପରେ ୨ଟି ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ନକ୍ସା ପ୍ରସ୍ତୁତ କରାଯାଉଛି । ବ୍ୟାସଦେବ ଟାଉନହଲକୁ ଭାଙ୍ଗି ଅତ୍ୟାଧୁନିକ ଟାଉନ ହଲ କରାଯିବା ପାଇଁ ନକ୍ସା ପ୍ରସ୍ତୁତ କରାଯାଇଛି। ଖୁବ ଶୀଘ୍ର ତାହା କାର୍ଯ୍ୟକାରୀ ହେବ ବୋଲି ଜିଲାପାଳ କହିଥିଲେ। ବ୍ୟାସନଗର ପୀଠ ପାଇଁ ୨୦୦କୋଟି ଟଙ୍କା ମଞ୍ଜୁରୁ କରାଯାଇଛି। ଷ୍ଟାଡିୟମ ପାଇଁ ୧୫କୋଟି ଟଙ୍କା ମଞ୍ଜୁର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୫କୋଟି ଟଙ୍କାର ଅନୁଦାନ ମିଳିଛି। ଯାଜପୁର ରୋଡ ଗୋଷ୍ଠୀ କେନ୍ଦ୍ରକୁ ଜିଲାସ୍ତରୀୟ ହସ୍ପିଟାଲର ମାନ୍ୟତା ଦିଆଯିବ। ତେଣୁ ସମସ୍ତ ସହରବାସୀ ଏହାର ବିକାଶ ପାଇଁ ଆଗେଇ ଆସିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ସେହିପରି ସ୍ୱାସ୍ଥ୍ୟ, ଗମନାଗମନ, ଶିକ୍ଷା ପାଇଁ ଗୁରୁତ୍ୱ ଦିଆଯିବା ସହ ମନୋରଞ୍ଜନ ପାଇଁ ଏକ ଉଦ୍ୟାନ କରାଯିବ ବୋଲି ବିଧାୟକ ପ୍ରକାଶ କରିଥିଲେ। ଏହି ଉତ୍ସବରେ ପୌର ପ୍ରଶାସକ ତଥା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ପ୍ରତିଭା ପୂଜା କମିଟି ପକ୍ଷରୁ ସମ୍ପାଦକ ରଂଜିତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତିଭା ପୂଜା କମିଟିର ସାନ୍ତନୁ ଧଳ ପ୍ରତିଭା ପୂଜା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପୌର ପ୍ରତିଭା ନାମକ ଏକ ସ୍ମରଣିକା ପୁସ୍ତକ ଉନ୍ମୋଚନ କରାଯାଇଥିଲା । ଶେଷରେ ପୌର ପରିଷଦର ନିର୍ବାହୀ ଅଧିକାରୀ ସପନ ନନ୍ଦ ଧନ୍ୟବାଦ ଦେଇଥିଲେ।

## ରେଲୱେ ପରାମର୍ଶଦାତା କମିଟି ବୈଠକ

**ଯାଜପୁର ରୋଡ,୧।୯(ନି.ପ୍ର)**

ଯାଜପୁର କେନ୍ଦୁଝର ରୋଡ ରେଲୱେ ଷ୍ଟେଶନର ପରାମର୍ଶଦାତା କମିଟିର ତୃତୀୟ ବୈଠକ ଷ୍ଟେଶନ ପରିଚାଳକଙ୍କ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ରେଲୱେ ଷ୍ଟେଶନ୍ ସହକାରୀ ବାଣିଜ୍ୟ ପରିଚାଳକ ଜ୍ଞାନରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିବାବେଳେ ଏଥିରେ ଷ୍ଟେଶନ ମ୍ୟାନେଜର ସମୀର କୁମାର ସ୍ୱାଇଁ, ଖୋର୍ଦ୍ଧା ରେଲୱେ ମୁଖ୍ୟ ବାଣିଜ୍ୟ ନୀରିକ୍ଷକ ସୁନୀଲ କୁମାର ବେହେରା, ଅଫିସ ଅଧକ୍ଷ ପ୍ରକାଶ କୁମାର ଶତପଥୀ ପ୍ରମୁଖ ଯୋଗଦେଇ କମିଟିର ବିଭିନ୍ନ ପ୍ରସ୍ତାବ ଲିପିବଦ୍ଧ କରିଥିଲେ। ଯାଜପୁର ରୋଡ କେନ୍ଦୁଝର ରେଲୱେ ଷ୍ଟେଶନର ନାମ ପରିବର୍ତ୍ତନ କରାଯାଇ ଯାଜପୁର ରୋଡ କରାଯିବା, ପୁରୀ ଗୌହାଟି ଟ୍ରେନର ଯାଜପୁର ରୋଡରେ ରହଣି, କେନ୍ଦୁଝର- ଭୁବନେଶ୍ୱର ପାସେଞ୍ଜରକୁ ମେମୋ ଟ୍ରେନ କରାଯାଇ ଯାଜପୁର ରୋଡ ଦେଇ ଚାଲିବା, ରାଜଧାନୀ ଏକ୍ସପ୍ରେସ ସବୁଦିନ ଯାଜପୁର ରୋଡ ଷ୍ଟେଶନ୍‌ରେ ରହଣି ଇତ୍ୟାଦି ଦାବି ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଉପରୋକ୍ତ ସମସ୍ତ ଦାବିକୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରାଯାଇ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ରେଳ ଅଧିକାରୀମାନେ କହିଥିଲେ। ବୈଠକରେ ଭାଗିରଥି ଆଚାର୍ଯ୍ୟ, ଅଧ୍ୟାପକ ଅକ୍ଷୟ କୁମାର ପଣ୍ଡା, ପବିତ୍ର ମୋହନ ସାହୁ, ଏସ.କେ ସରିଜା ଉଦ୍ଦିନ, ସ୍ୱାସ୍ଥ୍ୟ ବିଭାର ଇନିସପେକ୍ଟର ଓ ଯାଜପୁର ରୋଡ ଷ୍ଟେଶନର ସମସ୍ତ ମୁଖ୍ୟ ଉପସ୍ଥିତ ଥିଲେ।

## ମେଗା ମିଲିଅନ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟାର ଶୁଭାରମ୍ଭ

**ଅକ୍ଟୋବର ୧୫ ପର୍ଯ୍ୟନ୍ତ ଚାଲିବ ଭୋଟର ତାଲିକା ଯାଞ୍ଚ**

**ଯାଜପୁର ଅଫିସ,୧।୯**

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା ପାଇଁ ମେଗା ମିଲିଅନ ଲଞ୍ଚ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଜିଲାପାଳ ରଞ୍ଜନ କୁମାର ଦାସ ଏହାକୁ ଉଦଘାଟନ କରି ଠିକ ଓ ନିର୍ଭୁଲ ତାଲିକା ପ୍ରଣୟନ ଲକ୍ଷ୍ୟରେ ଭାରତର ନିର୍ବାଚନ କମିଶନ ଚଳିତ ମାସ ୧ ତାରିଖଠାରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଭୋଟର ଯାଞ୍ଚ କାର୍ଯ୍ୟକ୍ରମର ବ୍ୟବସ୍ଥା କରିଛନ୍ତି ବୋଲି ସୂଚନା ଦେଇଥିଲେ । ଜିଲାର ୧୬୧୯ ବୁଥ, ୨୩ଟି ଭୋଟର ସହାୟତା କେନ୍ଦ୍ର ସହ ସମସ୍ତ ଜନସେବା କେନ୍ଦ୍ରରେ ଭୋଟରମାନେ ସେମାନଙ୍କ ଭୋଟର ତାଲିକାକୁ ଯାଞ୍ଚ କରି କୌଣସି ତ୍ରୁଟି ଥିଲେ ସଂଶୋଧନ କରି ପାରିବେ। ସେହିପରି ଭୋଟରମାନେ ଟୋଲ ଫ୍ରି ନମ୍ବର ୧୯୫୦ରେ ମଧ ଡାଏଲ କରି ସଂଶୋଧନ କରିପାରିବେ ବୋଲି ଜିଲାପାଳ କହିଥିଲେ। ୪୫ ଦିନିଆ ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଭୋଟର ଆଧାର କାର୍ଡ, ପାସପୋର୍ଟ, ଡ୍ରାଇଭିଂ ଲାଇସେନ୍ସ, ସରକାରୀ ଚାକିରି କ୍ଷେତ୍ରରେ ପ୍ରମାଣପତ୍ର, ଫଟୋ ସଂଲଗ୍ନ ବ୍ୟାଙ୍କ ପାସବୁକ, ପାନକାର୍ଡ, ଏନପିଆର ସ୍ମାର୍ଟକାର୍ଡ, ଶ୍ରମ ମନ୍ତ୍ରଣାଳୟର ସ୍ୱାସ୍ଥ୍ୟବୀମା ସ୍ମାର୍ଟକାର୍ଡ, ଫଟୋ ଥିବା ପେନସନ ଦସ୍ତାବିଜ ଇତ୍ୟାଦି ଯାହା ଠିକ ବୋଲି ଅନୁଭବ କରୁଛନ୍ତି ତାହାର ଏକ ନକଲ ବିଏଲଓ ବା ସହାୟତା କେନ୍ଦ୍ରରେ ପ୍ରଦାନ କରି ସଂଶୋଧନ କରିପାରିବେ। ସେହିଭଳି ୧।୧।୨୦୨୦ ତାରିଖକୁ ଯୋଗ୍ୟତା ତାରିଖ ଧରାଯାଇ ସେତେବେଳକୁ ଯେଉଁ ନୂଆ ଭୋଟରଙ୍କୁ ୧୮ ବର୍ଷ ବା ତଦୁର୍ଦ୍ଧ ହେଉଥିବ ସେମାନଙ୍କ ନାମ ଭୋଟର ତାଲିକାରେ ପଞ୍ଜୀକରଣ କରି ପାରିବେ। ଅନ୍ୟପକ୍ଷରେ ମୃତ କିମ୍ବା ସ୍ଥାନାନ୍ତରଣ ଭୋଟରଙ୍କ ନାମ ବାଦ ଦିଆଯିବ। ଜଣେ ଭୋଟରଙ୍କର ଏକାଧିକ ସ୍ଥାନରେ ଭୋଟର ତାଲିକା ବେଆଇନ ଅଟେ। ତେଣୁ ସମ୍ପୃକ୍ତ ଭୋଟରମାନେ ନିଜ ଇଚ୍ଛା ମୁତାବକ ଗୋଟିଏ ସ୍ଥାନରେ ଭୋଟର ତାଲିକାରେ ନାମ ରଖି ଅନ୍ୟ ସ୍ଥାନରୁ ନାମ କାଟି ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଭୋଟର ସହାୟତା କେନ୍ଦ୍ରକୁ ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ ଶୁଭାରମ୍ଭ କରିଥିଲେ। ପରେ ଜିଲାପାଳ ଓ ଉପଜିଲାପାଳ ବିଭିନ୍ନ ବୁଥ ପରିଦର୍ଶନ କରିଥିଲେ। ଏହି ଅବସରରେ ଜିଲାପାଳ ଉପସ୍ଥିତ ସମସ୍ତଙ୍କୁ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟାର ଶପଥ ପାଠ କରାଇଥିଲେ।

## ନିଯୁକ୍ତିରେ ଜାଲିଆତି ଅଭିଯୋଗ, ନିରପେକ୍ଷ ତଦନ୍ତ ଦାବି

**ଅଭିମନ୍ୟୁ ସାମନ୍ତ ସିଂହାର ମହାବିଦ୍ୟାଳୟ**

**ବରୀ,୧।୯(ସ୍ୱ.ପ୍ର)**

ବରୀ ବ୍ଲକ ବାଲିଆ ପଞ୍ଚାୟତ ଅଭିମନ୍ୟୁ ସାମନ୍ତସିଂହାର ମହାବିଦ୍ୟାଳୟରେ କର୍ମଚାରୀ ନିଯୁକ୍ତିରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଆସୁଛି। ଏହି ଅଭିଯୋଗ ଜିଲାପାଳଙ୍କଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ମଧ ହୋଇଛି। ନିରପେକ୍ଷ ତଦନ୍ତ କରାଗଲେ କର୍ମଚାରୀ ନିଯୁକ୍ତି ଜାଲିଆତିର ପର୍ଦ୍ଦାଫାସ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଜଣାଯାଇଛି ଯେ, ୧୯୮୭ ଓ ୧୯୯୦ ମସିହାରୁ ୪ଜଣ ୪ର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ପାଇଥିଲେ। ଏବେ ସେମାନଙ୍କ ଚାକିରିର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତିମାସ ସେମାନଙ୍କୁ କଲେଜ କର୍ତ୍ତୃପକ୍ଷ ନିଜସ୍ୱ ପାଣ୍ଠିରୁ କିଛିକିଛି ଅର୍ଥ ପ୍ରଦାନ କରୁଥିଲେ। ୨୦୦୮ରେ କଲେଜ ସରକାରୀ ଅନୁଦାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ହଠାତ୍ ସେହି ସମୟରେ କଲେଜ କର୍ତ୍ତୃପକ୍ଷ ତଥା ସଭାପତି, ସମ୍ପାଦକ, ପରିଚାଳନା କମିଟି ସଦସ୍ୟମାନେ ଅନୈତିକ ଉପାୟରେ ସେମାନଙ୍କ ସମ୍ପର୍କୀୟଙ୍କୁ କର୍ମଚାରୀଭାବେ ନିଯୁକ୍ତି ଦେଇ ସରକାରୀ ଅନୁଦାନ ପାଇବାରେ ସହାୟକ ହୋଇଥିଲେ। ଯୋଗ୍ୟତା ନ ଥାଇ ବି ଅସାଧୁ ଉପାୟରେ ନିଯୁକ୍ତି ପ୍ରଦାନ କରିଥିଲେ ବୋଲି ଅଭିଯୋଗ ହୋଇଛି। ଏହା ପ୍ରତିବାଦରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଏବଂ ସଚିବଙ୍କୁ ଭେଟି ଏ ସଂକ୍ରାନ୍ତରେ ଅଭିଯୋଗକାରୀମାନେ ଅବଗତ କରାଇଥିଲେ। ହେଲେ ଉଚ୍ଚଶିକ୍ଷା ବିଭାଗ କର୍ଣ୍ଣପାତ ନ କରି ଚୁପ୍ ହୋଇ ବସି ଯାଇଥିବା ଅଭିଯୋଗ ହୋଇଛି। ଏହି ୪ଜଣଙ୍କ ମଧ୍ୟରୁ ରାଜେନ୍ଦ୍ର ମିଶ୍ର ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। କଲେଜ କର୍ତ୍ତୃପକ୍ଷ ତାଙ୍କୁ କେସ୍ ପ୍ରତ୍ୟାହାର କରିନେଲେ ଚାକିରି ସ୍ଥାୟୀ କରିଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ସେହି ପ୍ରତିଶ୍ରୁତି ପାଣିର ଗାର ହୋଇଯାଇଛି। ରାଜେନ୍ଦ୍ରଙ୍କ ଭଳି ଆହୁରି ୩ଜଣ ଯଥା ଗଗନ ବିହାରୀ ଜେନା, ରବୀନ୍ଦ୍ର ବାରିକ, ଶରତ ଚନ୍ଦ୍ର ଦାସ ଅସ୍ଥାୟୀ ଭାବେ କାମ କରୁଥିଲେ ବି ଚାକିରି ସ୍ଥାୟୀ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଗତ ୧୬ ତାରିଖରେ କଲେଜ ସମ୍ମୁଖରେ ଏହି ୪ଜଣ କର୍ମଚାରୀ ଅନଶନରେ ବସିଥିଲେ। କଲେଜ ଅଧକ୍ଷ ବ୍ୟକ୍ତିଗତଭାବେ ବୁଝାସୁଝା କରିବା ପରେ ୪ଜଣ ଅନଶନ ପ୍ରତ୍ୟାହାର କରିନେଇଥିଲେ। ସେହିପରି ଉମେଶ ସେନାପତି ନାମକ ଯୁବକ ବିଜ୍ଞାନ ବିଭାଗ ପ୍ରଦର୍ଶକ ଭାବେ ନିଯୁକ୍ତି ପାଇଥିଲାବେଳେ କିଛିଦିନ ପରେ ତାଙ୍କୁ କଲେଜରୁ ବାହାର କରି ଦିଆଯାଇଥିଲା। ଏବେ ସେନାପତି ବେକାର ହୋଇ ରହିଥିବା ଅଭିଯୋଗ ହୋଇଛି। ଏପରିକି ସେନାପତିଙ୍କ ସମସ୍ତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର କଲେଜ କର୍ତ୍ତୃପକ୍ଷ ଦେଉ ନ ଥିବା ଅଭିଯୋଗ ହୋଇଛି। ସେନାପତିଙ୍କ ଉପରେ ପରିବାର ଭରଣପୋଷଣର ଦାୟିତ୍ୱ ରହିଥିଲାବେଳେ ଏବେ ସେ ବହୁ ହୀନସ୍ତାରେ ଦିନ କାଟୁଥିବା କହିଛନ୍ତି। ଏହିଭଳି ଭାବେ ନିଯୁକ୍ତି ନାଁରେ ବ୍ୟାପକ ଜାଲିଆତି ହୋଇଥିବା କୁହାଯାଉଛି। ଏ ସଂକ୍ରାନ୍ତରେ କଲେଜର ଯୁକ୍ତ ୨ ଅଧକ୍ଷ ଦେବପ୍ରସାଦ ସାମଲଙ୍କୁ ପଚାରିବାରୁ, ସେ ଏହି ବିଷୟରେ କିଛି ଜାଣନ୍ତି ନାହିଁ। ତତ୍କାଳୀନ ପରିଚାଳନା କମିଟିର ସମ୍ପାଦକ କର୍ମଚାରୀ ନିଯୁକ୍ତି ବିଷୟରେ ଜାଣନ୍ତି। ମାତ୍ର ତାଙ୍କର ଦେହାନ୍ତ ହୋଇଯାଇଛି ବୋଲି କହିଥିଲେ। ଯୁକ୍ତ ୩ ଅଧକ୍ଷ ସୁଧୀର କୁମାର ରାଉତଙ୍କୁ ପଚାରିବାରୁ, କର୍ମଚାରୀ ନିଯୁକ୍ତିର ତଥ୍ୟ କି କାଗଜପତ୍ର ତାଙ୍କ ପାଖରେ କିଛି ନାହିଁ, ସେ ବିଷୟରେ କିଛି କହିପାରିବେ ନାହିଁ ବୋଲି କହିଥିଲେ।

■ ଅବ୍ୟବସ୍ଥା ଘେରରେ ବନ୍ଧସାହି ପ୍ରାଥମିକ ବିଦ୍ୟାଳୟ

## ଗୋଟିଏ ଗୃହରେ ପଢ଼ୁଛନ୍ତି ୫ ଶ୍ରେଣୀର ଛାତ୍ରୀଛାତ୍ର



- ୧୯୬୯ ମସିହାରେ ପ୍ରତିଷ୍ଠା ହୋଇଥିଲା ଏହି ବିଦ୍ୟାଳୟ
- ପ୍ରଥମରୁ ୫ମ ଯାଏ ପଢ଼ୁଛନ୍ତି ମୋଟ୍ ୭୪ଜଣ ପିଲା
- ଜଣେ ପ୍ରଧାନ ଶିକ୍ଷକ ଓ ଜଣେ ସହକାରୀ ଶିକ୍ଷୟିତ୍ରୀ ପଢ଼ାଉଛନ୍ତି ପାଠ

**ଦଶରଥପୁର,୧।୯(ଡିଏନ୍ଏ)**

ଦଶରଥପୁର ବ୍ଲକ ଥାଲକୁଡି ପଞ୍ଚାୟତ ବନ୍ଧସାହି ପ୍ରାଥମିକ ବିଦ୍ୟାଳୟ ୧୯୬୯ ମସିହାରୁ ପ୍ରତିଷ୍ଠା ହୋଇଛି। ଏହି ବିଦ୍ୟାଳୟଟି ଦଳିତ ସାହିରେ ପ୍ରତିଷ୍ଠା କରାଯାଇଥିବାବେଳେ ଏଠାରେ ଶତକଡା ୯୨ଭାଗ ଛାତ୍ରୀଛାତ୍ର ଦଳିତ ବୋଲି ଜଣାଯାଇଛି। ହରିଜନ ଓ ଆଦିବାସୀ ପିଲାଙ୍କୁ ଶିକ୍ଷାକ୍ଷେତ୍ରରେ ସରକାର ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ମାତ୍ର ଏହି ବିଦ୍ୟାଳୟକୁ ସମସ୍ତ ସୁବିଧା ସୁଯୋଗ ସତେ ଯେପରି ଅପହଞ୍ଚ ପାଲଟିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ୫ମ ଯାଏ ମୋଟ୍ ୭୪ଜଣ ପିଲା ଅଧୟନ କରୁଛନ୍ତି। ସେଥିରୁ ୬୮ଜଣ ଛାତ୍ରୀଛାତ୍ର ଦଳିତ ଅଟନ୍ତି। ତେବେ ଏଠାରେ ଗୋଟିଏ ଶ୍ରେଣୀଗୃହ ଥିବାରୁ ୧ମରୁ ୫ ଯାଏ ସମସ୍ତ ଛାତ୍ରୀଛାତ୍ର କୋଠରୀରେ ବସି ପଢିବା ପାଇଁ ବାଧ ହୋଇଥାନ୍ତି। ଏହା ସହିତ ବିଦ୍ୟାଳୟରେ ଜଣେ ପ୍ରଧାନ ଶିକ୍ଷକ ଓ ଜଣେ ମାତ୍ର ସହକାରୀ ଶିକ୍ଷୟିତ୍ରୀ ପାଠ ପଢ଼ାଉଛନ୍ତି। ଅପରପକ୍ଷେ ଗୋଟିଏ ଶ୍ରେଣୀରେ ପ୍ରଥମରୁ ପଞ୍ଚମ ଯାଏ ପିଲା ବସୁଥିବାରୁ ଗୋଟିଏ ଶ୍ରେଣୀର ପିଲାଙ୍କୁ ଶିକ୍ଷୟିତ୍ରୀଶିକ୍ଷକ ପାଠ ପଢାଇଲେ ଅନ୍ୟଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଏଠାରେ ବସି ରହିବାକୁ ପଡିଥାଏ। ଏହାଛଡା ଦୀର୍ଘବର୍ଷ ତଳୁ ଏହି ବିଦ୍ୟାଳୟର କୋଠରୀ ଅର୍ଦ୍ଧଭଗ୍ନ ଅବସ୍ଥାରେ ରହି ବିପଦସଙ୍କୁଳ ପରିସ୍ଥିତି ସୃଷ୍ଟି କରିଛି। ବିଦ୍ୟାଳୟ ସମ୍ମୁଖ ଢଳେଇ ହୋଇ ନ ଥିବାରୁ ସାମାନ୍ୟ ବର୍ଷାରେ ବିଦ୍ୟାଳୟ ପରିସର କାଦୁଅରେ ଭର୍ତ୍ତି ହୋଇଯାଏ। ଏହାଛଡା ପାଚେରି ନ ଥିବା କାରଣରୁ ବିଦ୍ୟାଳୟ ପରିସର ସେମାନଙ୍କ ଚରା ଭୂଇଁ ପାଲଟିଛି। ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସୂତ କୁମାର ମହାପାତ୍ର ପ୍ରତ୍ୟେକ ଦିନ ବିଦ୍ୟାଳୟର ଖେଳଛୁଟିରେ ଘରକୁ ଯାଇ ୩ଟାପରେ ବିଦ୍ୟାଳୟକୁ ଫେରୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ସାଧାରଣ ନିର୍ବାଚନରେ ସମ୍ପୃକ୍ତ ବିଦ୍ୟାଳୟରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ରି-ପୁଲିଂ ବୁଥ୍ କରାଯାଇଥିବାବେଳେ ବିଧାୟିକା ମଲ୍ଲିକ ଏହି ବୁଥକୁ ବୁଲିବାକୁ ଆସିଥିଲେ। ସେହି ସମୟରେ ସାହିର ଦଳିତ ଲୋକେ ବିଧାୟିକାଙ୍କୁ ବିଦ୍ୟାଳୟର ଅଧିକ ଶ୍ରେଣୀ ଗୃହ, ପାଚେରି ଏବଂ ବିଦ୍ୟାଳୟ ପରିସରକୁ ଢଳାଇ କରିବା ପାଇଁ ଜଣାଇଥିଲାବେଳେ ବିଧାୟକ ମଧ ସମସ୍ତ କାର୍ଯ୍ୟ ଖୁବ୍‌ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପ୍ରତିଶ୍ରୁତି ଏଯାବତ୍ ପୂରଣ ହେଲା ନାହିଁ। ଖେଳ ଛୁଟିରେ ଅଧିକ ସମୟ ଘରକୁ ଚାଲିଯାଉଥିବା ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ, ସେ ଜଣେ ମଧୁମେହ ରୋଗୀ। ତେଣୁ ଔଷଧ ଖାଇବା ପାଇଁ ଘରକୁ ଯାଇଥାନ୍ତି। ଏହାକୁ ନେଇ ଅଭିଭାବକମାନେ ଯଦି ଅଭିଯୋଗ କରୁଛନ୍ତି ତେବେ ସେ ଆଉ ଯିବେ ନାହିଁ ବୋଲି କହିଥିଲେ।

